ଧରିତ୍ରୀ
DHARITRI
November 10-16, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ



# କୁନି ୟୁଟ୍ୟୁବର୍

ଭଲରେ କଥା କହି ପାରୁ ନ ଥିବା ବୟସରୁ ଏମାନେ ନାଚ, ଗୀତ, ଅଭିନୟ କରି ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ୍ ହେଇଛନ୍ତି । ସେମିତି କେତେଜଣ କୁନି ୟୁଟ୍ୟୁବର୍‌ଙ୍କ କଥା...

ପ୍ରଚ୍ଛଦ ପ୍ରସଙ୍ଗ
୩

## ଶିଢ଼ି ତଳେ କ'ଣ ରଖିବେ ନାହିଁ

ସ୍ଥାନର ଅଭାବ ଯୋଗୁ କିଛି ଲୋକ ଶିଢ଼ି ତଳେ ଥିବା ଖାଲି ସ୍ଥାନକୁ ଜିନିଷ ରଖିବା ପାଇଁ ବ୍ୟବହାର କରିଥାନ୍ତି ତ ଆଉ କିଛି ଲୋକ ଏଠାରେ ଛୋଟ ଗାଧୁଆଘର ହେଉ କି ରୋଷେଇ ଘର ଆଦି ତିଆରି କରିଦେଇଥାନ୍ତି। ହେଲେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏପରି କରିବା ଠିକ୍ ନୁହେଁ। କାହିଁକି ଜାଣନ୍ତୁ ସେ ସମ୍ପର୍କରେ...



✲ ସ୍ଥାନ ଅଭାବ ଯୋଗୁ କେହି କେହି ଶିଢ଼ି ତଳେ ଛୋଟ ଠାକୁର ଘର ବି କରି ଦେଇଥାନ୍ତି। କିନ୍ତୁ ଏପରି କରିବା ଆଦୌ ଶୁଭଙ୍କର ନୁହେଁ। ଏହା ଘରର ଐଶ୍ୱର୍ଯ୍ୟ ବୃଦ୍ଧିରେ ବାଧା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ।

✲ ରୋଷେଇ ଘର ବି ଶିଢ଼ି ତଳେ ତିଆରି କରିବା ଉଚିତ୍ ନୁହେଁ; ଏହା ଘରର ଆର୍ଥିକ ସ୍ଥିତିକୁ ବିଗାଡ଼ିଥାଏ।

✲ ଅନ୍ୟପକ୍ଷେ ଗାଧୁଆଘର କି ଶୌଚାଳୟ ମଧ୍ୟ ଶିଢ଼ି ତଳେ ତିଆରି କରିବା ଆଦୌ ଶୁଭଲକ୍ଷଣ ନୁହେଁ। ଏହା ଘରର ଆର୍ଥିକାବସ୍ଥାକୁ ଦୁର୍ବଳ କରିବା ସହ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ ରହିଛି।

✲ ଶିଢ଼ି ତଳେ ଡଷ୍ଟବିନ୍ ରଖିବା ବି ଠିକ୍ ନୁହେଁ, ଏହା ଘରେ କଳହ ଓ ଅଶାନ୍ତିର ପରିବେଶ ସୃଷ୍ଟି କରିଥାଏ।

✲ ଜୋତା ଷ୍ଟାଣ୍ଡକୁ ବି ଶିଢ଼ି ତଳେ ରଖିବେ ନାହିଁ। କୁହାଯାଏ, ଏହା କୁଆଡ଼େ ଘରେ ବାସ୍ତୁଦୋଷ ସୃଷ୍ଟି କରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୧୦-୧୬**

**ମେଷ**
କାର୍ଯ୍ୟଦକ୍ଷତାରୁ ସମ୍ମାନ, ବ୍ୟବସାୟିକ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ସଭାସମିତିରେ ସଫଳତା, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସା, ଶତ୍ରୁତାର ଅବସାନ, ବିବାଦ ଘେରରେ ପଡିପାରନ୍ତି, ଏଜେନ୍ସିପ୍ ଓ ସାମ୍ବାଦିକତାରୁ ପ୍ରଶଂସା ॥

**ବୃଷ**
କର୍ମଜଞ୍ଜାଳ ବଢ଼ିବ, ଫାଇଲ୍ କାମ ବୃଦ୍ଧି, ଘରକଥା ବୁଝି ପାରିବେନି, କୃତି ଓ କୃତିତ୍ୱରୁ ପ୍ରଶଂସା, ସଫଳତାରେ ଆନନ୍ଦ, ପୈତୃକ ସମ୍ପତିରେ ବିବାଦ, ବନ୍ଧୁ କଥାରେ ପ୍ରଭାବିତ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ, ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ॥

**ମିଥୁନ**
ଭୁଲ୍ ବୁଝାମଣାରୁ କଳହ, ପାରିବାରିକ ମତାନ୍ତର, ସନ୍ତାନ ହେତୁକ ଦୁଃଶ୍ଚିନ୍ତା, ଆର୍ଥିକ ଦୂରବସ୍ଥା, ସରକାରୀ ସହାୟତା ପାଇବେ, ବନ୍ଧୁ ସହଯୋଗ ମିଳିବ, ସ୍ଥଗିତ କାମ ଆରମ୍ଭ କରିବେ, ଦୃଢ ନିଷ୍ପତି ନେଇପାରନ୍ତି, ନୂଆ ବନ୍ଧୁ ହେବେ ॥

**କର୍କଟ**
ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତା କଷ୍ଟ ଦେବ, ଉଚ୍ଚବର୍ଗଙ୍କ ସମାଲୋଚନା, ଆର୍ଥିକ ସ୍ୱଚ୍ଛଳତା ଫେରିବ, ଇଚ୍ଛା ବିରୁଦ୍ଧ କାମ କରିବେ, ବ୍ୟବସାୟିକ ସଫଳତା ମିଳିପାରେ, ସମସ୍ୟାର ସମାଧାନ ॥

**ସିଂହ**
କର୍ମକ୍ଷେତ୍ରରେ ଗୌରବ, ସହକର୍ମୀଙ୍କ ସହ ମନାନ୍ତର, ପ୍ରତୀକ୍ଷିତ ଖବରଟି ପାଇବେ, ବ୍ୟବସାୟ ସଙ୍କୁଚିତ ହେବ, ଅତିଥି ଚର୍ଚ୍ଚାରେ ଆନନ୍ଦ, ବନ୍ଧୁ ଅସୁବିଧାରେ ପକାଇପାରନ୍ତି, ପରୋକ୍ଷ ଶତ୍ରୁତା, ବିଚଳିତବୋଧ କରିବେ ॥

**କନ୍ୟା**
ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ, କାମ ପୂର୍ଣ୍ଣାଙ୍ଗ ହେବ, ପାରିବାରିକ ବ୍ୟୟ ବୃଦ୍ଧି ଘଟିବ, ନୂତନ କର୍ମାରମ୍ଭ କରିପାରନ୍ତି, ସାଧାରଣ ଘଟଣାରେ ଉଚ୍ଚବାଚ୍ଚ, ବିବାଦୀୟ ପରିସ୍ଥିତି, ସମସ୍ୟା ସମାଧାନ, ନୂତନ ସମ୍ପର୍କ ଯୋଡିବେ, ଋଣଗ୍ରସ୍ତ ହୋଇପାରନ୍ତି ॥

**ତୁଳା**
ବନ୍ଧୁଙ୍କ ବିରୁଦ୍ଧାଚରଣ, ବନ୍ଧୁ ମିଳନ, ନୂତନ ଯୋଜନାରମ୍ଭ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାବିଳମ୍ବ, ମାନସିକ ଆଶ୍ୱସ୍ତି ଲାଭ, ବ୍ୟକ୍ତିତ୍ୱର ପରିପ୍ରକାଶ, ଆର୍ଥିକ ଅନଟନ, ଅପ୍ରିୟଭାଷଣରୁ ବିବାଦ, ଭ୍ରାତୃ ସମ୍ପର୍କରେ ଅବନତି, ନୂତନ ଯାନବାହନ କ୍ରୟ ॥

**ବିଛା**
ନୂତନ କାମର ପରିକଳ୍ପନା, ହିତୈଷୀଙ୍କ ପରାମର୍ଶ, ନିଅଣ୍ଟିଆ ପରିସ୍ଥିତି, ବନ୍ଧୁଙ୍କ ସାହାଯ୍ୟ, ଖୁସିଗପର ମଉକା, ସତ୍‌ସଙ୍ଗର ସୁଯୋଗ, ପାରିବାରିକ ସହମତି, ରାଜନୀତିରେ ପୃଷ୍ଠପୋଷକତା, ଲୋକସମ୍ପର୍କ ବଢ଼ିବ ॥

**ଧନୁ**
ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ଅଗ୍ରଗତିରେ ବାଧା, ସହକର୍ମୀଙ୍କ ବିଶ୍ୱାସ ଘାତକତା, ଧାର କରଜ କରିପାରନ୍ତି, ନିଜ ଲୋକଙ୍କୁ ସନ୍ଦେହ, ପରିବହନ କ୍ଷେତ୍ରରେ ସମସ୍ୟା, ବାଣିଜ୍ୟରେ ପ୍ରତିବନ୍ଧକ, ପ୍ରଶଂସା ବଦଳରେ ଅଭିଯୋଗ, ଯାତ୍ରା ସ୍ଥଗିତ ରହିପାରେ ॥

**ମକର**
ବିବାଦୀୟ ହୋଇପଡିବେ, ସତର୍କତା ଅଭାବରୁ ଠକାମି, ସମ୍ପର୍କକୁ କେନ୍ଦ୍ରକରି ଅଶାନ୍ତି, ପରୋପକାରରୁ ପ୍ରଶଂସା, ଦୂରଯାତ୍ରାର ଯୋଜନା, ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି, ସ୍ଥଗିତ କାମପାଇଁ କୈଫିୟତ୍, ବାଲ୍ୟବନ୍ଧୁଙ୍କ ଆଗମନ ॥


**କୁମ୍ଭ**
ମାନସିକ ଅସ୍ଥିରତା, ବିବାଦଗ୍ରସ୍ତ ହୋଇପାରନ୍ତି, ଧୈର୍ଯ୍ୟଚ୍ୟୁତି ଘଟିପାରେ, ପାରିବାରିକ ଶାନ୍ତି, ଭୁଲ୍‌ଖବରରୁ ବିବ୍ରତବୋଧ, ଶ୍ରମକ୍ଲାନ୍ତିରୁ ଅବସାଦ, ଖର୍ଚ୍ଚଭାରରୁ ଚିନ୍ତା ବୃଦ୍ଧି, ଘଟଣାର ଦିଗ ବଦଳିଯିବ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ॥

**ମୀନ**
ଯାତ୍ରାରେ ଅଭିଳଷିତ ଫଳ, ଆମୋଦ ପ୍ରମୋଦର ମଉକା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟଚିନ୍ତା, ଅର୍ଥପ୍ରାପ୍ତି ହେବ, ଇଚ୍ଛା ବିରୁଦ୍ଧରେ କାମ, ଅନୁତାପ କରିପାରନ୍ତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସମ୍ପର୍କ ଯୋଡି ହୋଇଯିବ, ଚାପର ସମ୍ମୁଖୀନ ହେବେ ॥

# ଚାପମୁକ୍ତ ରହିବେ କେମିତି...

କିଛି ନା କିଛି କାରଣ ପାଇଁ ଲୋକେ ମାନସିକ ଚାପରେ ରହିଥାନ୍ତି; ଯାହା ସେମାନଙ୍କର ଜୀବନଚର୍ଯ୍ୟା ଉପରେ ଅନେକ କୁପ୍ରଭାବ ପକାଇଥାଏ। ତେବେ ଏହି ସମସ୍ୟାରୁ କିପରି ନିଜକୁ ଦୂରେଇ ରଖିହେବ ଜାଣନ୍ତୁ ସେ ନେଇ କିଛି ଟିପ୍ସ:

✲ ପ୍ରତିଦିନ କିଛି କିଛି ସମୟ ବାହାର କରି ଯୋଗ, ପ୍ରାଣାୟାମ ଅଥବା ହାଲୁକା ବ୍ୟାୟାମ କଲେ ମାନସିକ ଶାନ୍ତି ମିଳିଥାଏ ଆଉ ଫୂର୍ତ୍ତି ବି ଲାଗେ। ସୁଷମ ଓ ସନ୍ତୁଳିତ ଖାଦ୍ୟ ଖାଇବା ସହ ରାତିରେ ଶୀଘ୍ର ଶୋଇ ସକାଳୁ ଶୀଘ୍ର ଉଠିଲେ ବି ମନ ଶାନ୍ତି ରହିବା ସହ ଏକାଗ୍ରତା ବଢ଼ିଥାଏ। ସର୍ବଦା ମନରେ ସକାରାତ୍ମକ ଭାବନା ରହିବା ବି ମାନସିକ ଶାନ୍ତି ପ୍ରଦାନ କରିଥାଏ। ଚିରାଚରିତ କାମ ଛଡ଼ା ଯଦି ଅନ୍ୟ କିଛି ରୁଚି ଥାଏ ଯେମିତିକି ଚିତ୍ର ଆଙ୍କିବା, ବହି ପଢ଼ିବା, ଗୀତ ଶୁଣିବା ଅଥବା ଗୀତ



ଗାଇବାରେ କିଛି କିଛି ସମୟ ଅତିବାହିତ କଲେ ମାନସିକ ଚାପ କେତେକାଂଶରେ କମିଯାଏ ବୋଲି ବିଶ୍ୱାସ ରହିଛି। ସାଙ୍ଗସାଥୀ ତଥା ପ୍ରିୟଜନଙ୍କ ସହ କିଛି ସମୟ ମନଖୋଲି କଥା ହେଲେ ବି ମାନସିକ ଚାପ ଦୂର ହୋଇଥାଏ। ସବୁଠୁ ବଡ଼ କଥା ହେଉଛି, ଖାଲିରେ ନ ବସି କିଛି ନା କିଛି କାମରେ ନିଜକୁ ବ୍ୟସ୍ତ ରଖିଲେ ମନ ବେଶ୍ ଫୂର୍ତ୍ତି ରହିଥାଏ। ଆବଶ୍ୟକ ପଡିଲେ ଘରଲୋକଙ୍କ ସାଙ୍ଗରେ ନିକଟସ୍ଥ କୌଣସି ସ୍ଥାନକୁ ଯାଇ ଘେରାଏ ବୁଲି ଆସିଲେ ବି ମନ ପୁଣିଥରେ ତାଜା ହୋଇଯାଏ।

## ପାଠକୀୟ

✲ ଆଲୋକର ପର୍ବ ଦୀପାବଳିର ପାଳନ କେବଳ ଦୀପ ଓ ଆତସବାଜିରେ ସୀମିତ ନୁହେଁ। ଭାରତର ବିଭିନ୍ନ ସ୍ଥାନରେ ବେଶ୍ ନିଆରା ଢଙ୍ଗରେ ବି ଏହାକୁ ପାଳନ କରାଯାଇଥାଏ। ତେଣୁ ଏଭଳି ଏକ ସୁନ୍ଦର ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ଦୀପାବଳି'ଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଦୀପାବଳିରେ କ'ଣ କରିବା ଶୁଭ', 'ଦୀପାବଳିରେ ମାତା ଲକ୍ଷ୍ମୀଙ୍କର ପୂଜା କରୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପଦ୍ମନାଭ ସୁବୁଦ୍ଧି, ରସୁଲଗଡ଼, ଭୁବନେଶ୍ୱର*

✲ ଦୀପାବଳିର ଆଲୋକମାଳା ମନେପକାଇଦିଏ ଏ ହେଉଛି ଅନ୍ଧକାର ଉପରେ ଆଲୋକର ଓ ଅଧର୍ମ ଉପରେ ଧର୍ମର ବିଜୟର ରାତି। ତେବେ ଭାରତର ସବୁ ସ୍ଥାନରେ ଯେ କେବଳ ଦୀପ ଜଳାଇ, ଆଲୋକମାଳାରେ ସଜ୍ଜିତ କରି ଦୀପାବଳି ପାଳନ କରାଯାଏ ତାହା ନୁହେଁ, କିଛି ସ୍ଥାନରେ ଏହିଦିନକୁ କିଛି ଭିନ୍ନ ଢଙ୍ଗରେ ବି ପାଳନ କରାଯାଏ; ଯାହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମିରର୍ ୱାର୍କ ଜୁଏଲେରି' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ରମେଶ ସ୍ୱାଇଁ, ମୟୂରଭଞ୍ଜ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କଳା ବିଜ୍ଞାନରେ ବିଦୂଷୀ ପ୍ରିୟମ୍ବଦା ମହାନ୍ତି ହେଜମାଦିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜୀବନ ସଂଗ୍ରାମ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'କିଆରାଙ୍କ ଟିପ୍ସ', 'ଗିଫ୍ଟ ଫେରାଇଥିଲେ ରେଖା', 'ଚକୋଲେଟ୍ ପ୍ରିୟ ଶ୍ରଦ୍ଧା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସୁକାନ୍ତ ପଟ୍ଟନାୟକ, କେନ୍ଦ୍ରାପଡ଼ା*

✲ ସାଥୀର ଉତ୍ତରଗୁଡ଼ିକ ବେଶ୍ ମନଛୁଆଁ ଥିଲା। ସାହିତ୍ୟିକ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଲଲାଟେନ୍ଦୁ ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ହୃଦୟସ୍ପର୍ଶୀ ହୋଇଥିଲା। 'ମୃତ୍ତିକାର ହରିବନ୍ଧୁ'ଙ୍କ ପାଠଟି ବି ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରୁଥିଲା। ମଡେଲ୍ ମିରର୍‌ରେ ପୁଣ୍ୟତୋୟା ବେଶ୍ ସୁନ୍ଦରୀ ଲାଗୁଥିଲେ।

*– ରୂପଶ୍ରୀ ସାହୁ, କେନ୍ଦୁଝର*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ଲିଫ୍ଟରେ ଦର୍ପଣ କାହିଁକି ଲାଗିଥାଏ' ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମରୁଭୂମିରୁ ବାହାରିଛି ହାତ', 'କଖାରୁରେ ଚଢ଼େଇ', 'ସବୁଠୁ ଛୋଟ ରୁ୍ୟବିକ୍ କ୍ୟୁବ୍' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ବେଶ୍ ନିଆରା ଥିଲା ପଢ଼ିବାକୁ। *– ରୁନିତା ଦାଶ, ସାକ୍ଷୀଗୋପାଳ, ପୁରୀ*

## ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ ଥିଲା
ନିଆରା ଦୀପାବଳି,
ଦେଉଥିଲା ନୂଆ ନୂଆ ବାର୍ତ୍ତା
ଶିଖାଇଲା ଅନେକ କଥା।
ଲାଇଫ୍‌ଷ୍ଟାଇଲ୍, ସୃଜନ ବି
ଥିଲା ଭାରି ନିଆରା,
ମନ କିଣି ନେଉଥିଲା ପୁଣି
ତୁମ ସିନେମାର ପସରା।
ସତରେ ହେ ଛୁଟିଦିନ
ତୁମ ଷୋହଳ ପୃଷ୍ଠା ଲାଗେ
ସବୁଠାରୁ ସୁନ୍ଦର
ସବୁବେଳେ ନୂତନ।

*– ପ୍ରଭାବତୀ ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କୁନି ୟୁଟ୍ୟୁବର୍

**ଏମାନେ ପାଠରେ ଯେମିତି ଶାଠରେ ବି ସେମିତି । ନାଚ ଗୀତ ସାଙ୍ଗକୁ ଅଭିନୟର ପଟୁତା ତାଙ୍କ ଭିତରେ ଯେମିତି ପିଲାଟିବେଳୁ ରହିଛି। ସେଥିପାଇଁ ସୋସିଆଲ ମିଡିଆରେ ଏମାନେ ଏବେ  ବେଶ୍ ଭାଇରାଲ୍। ସେମିତି କେତେଜଣ କୁନି ୟୁଟ୍ୟୁବର୍‌ଙ୍କ ସମ୍ପର୍କରେ ...**



ପରିବାର ସହ ମିଷ୍ଟି



ତୋଳରେ କଥା କହି ପାରୁ ନଥିବା ବୟସରେ ଏମାନେ ନାଚ, ଗୀତ, ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ତା'ସହିତ ସୋସିଆଲ ମିଡିଆରେ ଭାଇରାଲ୍ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ଗଢ଼ିପାରିଛନ୍ତି। ପାଠଶାଠ ସବୁଥିରେ ଏମାନେ ବେଶ୍ ପାରିବାର। ସେଥିପାଇଁ ଘରେ ବାହାରେ ସବୁଠି ଏମାନେ ଭାରି ପ୍ରିୟ। ଜାଣନ୍ତୁ ସେମିତି କେତେଜଣ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା କୁନି ୟୁଟ୍ୟୁବର୍‌ଙ୍କ ସମ୍ପର୍କରେ ...

## ଭାଇରାଲ୍ ଗର୍ଲ ମାଙ୍କେ

ନାଁ ତାଙ୍କର **ଶିବାଙ୍ଗୀ ପ୍ରଧାନ**, କିନ୍ତୁ **ମାଙ୍କେ** ନାଁରେ ସିଏ ଘରେ ଘରେ ପରିଚିତ। ଛୋଟଠୁ ବଡ଼ ସମସ୍ତଙ୍କର ସେ ଭାରି ପ୍ରିୟ। ତାଙ୍କର ମିଠା ମିଠା କମେଡି ଭିଡିଓ ଦେଖିବାକୁ ସମସ୍ତଙ୍କ ଭିତରେ ରହିଛି ବେଶ୍ ଆଗ୍ରହ। ମାଙ୍କେ ପ୍ରଥମେ ଭାଇରାଲ୍ ହେଲେ 'ଗାଈ ଓ ବିଲେଇ ଦୁଇ ଭଉଣୀ କେମିତି ହେଲେ' ଭିଡିଓରୁ। ଏହି ଭିଡିଓଟି ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ତା'ପରଠୁ ମାଙ୍କେଙ୍କର ନୂଆ ନୂଆ ଭିଡିଓ ଦେଖିବାକୁ ଲୋକେ ଅପେକ୍ଷାକରି ରହିଲେ। ଆଉ ଲୋକଙ୍କ ରୁଚିକୁ ଦେଖି ମାଙ୍କେ ବି ଖୁବ୍ ସୁନ୍ଦର କମେଡି ଭିଡିଓମାନ ଭେଟିଦେଇ ଚାଲିଲେ। ସେ 'ଅଙ୍ଗନୱାଡି ଯିବିନି ଭିଡିଓ' ହେଉକି 'କେତେରେ କେତେ ମିଶିଲେ ଦଶ' ଭିଡିଓ ହେଉ ଅଥବା 'ଚକୋଲେଟ୍ କି ବାଦାମ କ'ଣ ଖାଇଲେ ବେଶି ବୁଦ୍ଧି ହେବ'ର ଭିଡିଓ, ଏମିତି ଗୋଟିଏ ପରେ ଗୋଟିଏ ମଜାଦାର୍ ଭିଡିଓ କରି ସେ ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିଦେଉଥିଲେ। ଆଉ ଏବେ ବି ଏହି ଧାରା ଜାରି ରହିଛି। ଗଞ୍ଜାମ ଜିଲାର ସେଣ୍ଟ ଜାଭିୟର୍ସ ସ୍କୁଲ୍‌ରେ ଏଲ୍‌କେଜିରେ ପଢୁଥିବା ଏହି କୁନି ଝିଅଟିର ନିଚ୍ଛକ ଅଭିନୟ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବା ସ୍ୱାଭାବିକ୍। ତେବେ ଏହି ଅଭିନୟର କଳା ସେ ତାଙ୍କ ବାପା ପ୍ରୀତିରଞ୍ଜନ ପ୍ରଧାନଙ୍କଠାରୁ ପାଇଛନ୍ତି ; ଯିଏ କି ଜଣେ ଲୋକପ୍ରିୟ ଥିଏଟର୍ ଆର୍ଟିଷ୍ଟ, ଗୀତିକାର, ସଙ୍ଗୀତକାର ଓ ଅଭିନେତା। ତା'ସହିତ ପ୍ରୀତିରଞ୍ଜନ ଗଞ୍ଜାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରତୀ ବିଦ୍ୟାପୀଠରେ ଫିଜିକାଲ୍ ଏଜୁକେଶନ ଟିଚର ଭାବେ କାର୍ଯ୍ୟରତ। ମାଙ୍କେଙ୍କ ମା' ପୂଜା ପ୍ରଧାନ ବି ଗଞ୍ଜାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫିଜିକାଲ୍ ଏଜୁକେଶନ ଟିଚର୍ ଭାବେ କାର୍ଯ୍ୟ କରନ୍ତି। ମାଙ୍କେଙ୍କ ପରି ତାଙ୍କ ବଡ଼ ଭଉଣୀ ଶିବାନୀ ପ୍ରଧାନ ବି ୟୁଟ୍ୟୁବ୍‌ରେ ଅନେକ ସର୍ଟ ଫିଲ୍ମରେ ଅଭିନୟ କରିଛନ୍ତି। ତା'ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କ୍ଲାସ୍-୮ରେ ପଢୁଥିବା ଶିବାନୀ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ମଧ୍ୟ। ଆଉ ଏବେ ଉଭୟ ମାଙ୍କେ ଓ ଶିବାନୀ ହିନ୍ଦୁସ୍ତାନୀ ଭୋକାଲ୍ ଶିଖୁଛନ୍ତି। ମାଙ୍କେ କେମିତି ଏତେ ଭାଇରାଲ୍ ହେଲେ ସେନେଇ ପ୍ରଶ୍ନ ପଚାରିବାରୁ ତାଙ୍କ ବାପା ପ୍ରୀତିରଞ୍ଜନ କୁହନ୍ତି, 'ଆମ ନିଜ ଘର ମୟୂରଭଞ୍ଜରେ। କିନ୍ତୁ ଚାକିରି ଯୋଗୁ ଆମେ ଗଞ୍ଜାମରେ ରହୁଛୁ। ଚାକିରି କରିବା ସଙ୍ଗେସଙ୍ଗେ ମଞ୍ଚ ନାଟକ, ଧାରାବାହିକ, ଚଳଚ୍ଚିତ୍ରରେ ଅଭିନୟ ସାଙ୍ଗକୁ 'ଆନ୍ନା କମେଡି' ନାମରେ ମୋର ନିଜର ଏକ ୟୁଟ୍ୟୁବ୍ ଚାନେଲ୍ ବି ଅଛି, ଯେଉଁଥିରେ ମୁଁ ମୋର କମେଡି ଭିଡ଼ିଓମାନ ଅପ୍‌ଲୋଡ୍ କରିଥାଏ। ମାଙ୍କେ ପୂର୍ବରୁ ବଡ଼ଝିଅ ଶିବାନୀକୁ ନେଇ ଅନେକ ଶର୍ଟ ଫିଲ୍ମ ତିଆରି କରିଥିଲି ଆଉ ତାକୁ ଏହି ଚାନେଲ୍‌ରେ ଅପ୍‌ଲୋଡ୍ କରୁଥିଲି। ଛୋଟ ଛୁଆଙ୍କୁ କେମିତି ପାଶବିକ ଅତ୍ୟାଚାର କରାଯାଉଛି ତା'ଉପରେ ଥରେ ଏକ ଶର୍ଟ ଫିଲ୍ମ କରିଥିଲି ; ଯେଉଁଥିରେ ଶିବାନୀ ଅଭିନୟ କରିଥିଲା। ଫିଲ୍ମଟିର କନ୍‌ସେପ୍ଟ ଓ ଶିବାନୀର ଅଭିନୟକୁ ଲୋକେ ଏତେ ପସନ୍ଦ କରିଥିଲେ ଯେ, ପରବର୍ତ୍ତୀ ସମୟରେ ଏହି ଫିଲ୍ମଟି ଶର୍ଟ ଫିଲ୍ମ ନ୍ୟାଶନାଲ୍ ଆୱାର୍ଡ ପାଇବା ସହ ଶିବାନୀକୁ ବେଷ୍ଟ ଚାଇଲ୍ଡ ଆର୍ଟିଷ୍ଟର ପୁରସ୍କାର ମିଳିଥିଲା। ତା'ପରଠୁ ବିଭିନ୍ନ ସଚେତନତାମୂଳକ, ଶିକ୍ଷାଭିତ୍ତିକ ଶର୍ଟ ଫିଲ୍ମ କରି ଚାନେଲ୍‌ରେ ଅପଲୋଡ୍ କରୁଥିଲି। ମାଙ୍କେ ଜନ୍ମହେବାର ମାସେ ଦୁଇମାସ ପରଠୁ ତା'ର ବି ବିଭିନ୍ନ ଭିଡିଓ କରି ସେଥିରେ ଅପଲୋଡ୍ କରୁଥିଲି। ପରେ 'ମାଙ୍କେ କମେଡି' ନାମରେ ଅନ୍ୟ ଏକ ୟୁଟ୍ୟୁବ୍ ଚାନେଲ୍ କରି ସେଥିରେ ଧୀରେ ଧୀରେ ମାଙ୍କେର କଥାକୁହା ଭିଡିଓମାନ ଅପଲୋଡ୍ କଲି। ହେଲେ ଯେତେବେଳେ ମାଙ୍କେର 'ଗାଈ ଓ ବିଲେଇ ଦୁଇ ଭଉଣୀ କେମିତି ହେଲେ' ତା'ର ଭିଡିଓଟି ୟୁଟ୍ୟୁବ୍‌ରେ ପଡ଼ିଲା ତାହା ଏତେ ଭାଇରାଲ୍ ହେଲା ଯେ, ମାତ୍ର କେଇଘଣ୍ଟା ଭିତରେ ଏହା ପ୍ରାୟ ୮ ମିଲିୟନ୍ ଭିୟୁଜ୍ ଛୁଇଁଥିଲା ଆଉ ରାତାରାତି ମାଙ୍କେ ସମସ୍ତଙ୍କ ପ୍ରିୟ ପାଲଟିଗଲା। ସେବେଠୁ ଦର୍ଶକଙ୍କ ଭଲ ପାଇବା ମାଙ୍କେକୁ ମିଳିଚାଲିଛି। ୟା'ଭିତରେ ମାଙ୍କେ 'ପାରିକରିବେ ଭୋଳାଶଙ୍କର ୩' ଶୀର୍ଷକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିସାରିଲାଣି ; ଯେଉଁଥିରେ ମୁଁ ଏବଂ ମାଙ୍କେର ମା' ବି ଅଭିନୟ କରିଛୁ। ତା'ସହିତ ଆଗକୁ ମାଙ୍କେ ଅଭିନୀତ ଆଉ ଏକ ଚଳଚ୍ଚିତ୍ର 'ବବି ଆଉ ବେବି' ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ଭଗବାନ୍‌ଙ୍କ ଆଶୀର୍ବାଦ ଓ ଦର୍ଶକଙ୍କ ଭଲପାଇବା ଏମିତି ରହିଲେ ମୋର ଦୁଇ ଝିଅ ମାଙ୍କେ ଓ ଶିବାନୀ ଭଲ ମଣିଷ ହେବା ସହ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ।'



ପରିବାର ସହ ମାଙ୍କେ



## ପଣକିଆ ଗାଇ ଭାରରାଲ୍ ହୋଇଥିବା ଦୁଇ ଭଉଣୀ

ଦୁଇ କେ ଦୁଇ, କାଠ ଖାଇଗଲା ଉଇ। ଦୁଇ ଦୁଗୁଣେ ଚାରି, ନଈ ହେବା ପାରି। ଦୁଇ ତିରିକି ଛଅ, ଛତା ବାଡ଼ି ଧଅ...... ଦୁଇ ଦଶା କୋଡ଼ିଏ, ବାଘମାମୁ ଯୋଡ଼ିଏ ; ଏଭଳି ଏକ ନିଆରା ଢଙ୍ଗରେ ପଣକିଆ ଗାଇବା ସହ ଖୁବ୍ ସୁନ୍ଦର ଅଭିନୟ କରି ଏଇ କିଛି ବର୍ଷ ତଳେ ୟୁଟ୍ୟୁବ୍‌ରେ ଯେଉଁ କୁନି ଝିଅଟି ବେଶ୍ ଭାଇରାଲ୍ ହୋଇଥିଲେ, ତାଙ୍କ ନାଁ ହେଉଛି **ପ୍ରୀତି ସୁଲଗ୍ନା**। ନୟାଗଡ଼ ଜିଲା ଦଶପଲ୍ଲାର ଶୁଭଶ୍ରୀ ସନମ୍ ଦାଶ ଓ କୁରେଶ ଚନ୍ଦ୍ର ସାହୁଙ୍କର ସେ ହେଲେ ସାନଝିଅ। ମା' ଶୁଭଶ୍ରୀ ଦଶପଲ୍ଲାସ୍ଥିତ ରାଧାମୋହନ ଜୀଉ ନୋଡାଲ୍ ହାଇସ୍କୁଲରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ବାପା କୁରେଶ ଚନ୍ଦ୍ର କାଙ୍ଗୁରକୋଣ୍ଡା କାଲିମେଳା, ମାଲକାନଗିରିସ୍ଥିତ ଆଦର୍ଶ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟରତ। ଯେହେତୁ ମା'ବାପା ଉଭୟ ସଙ୍ଗୀତ କ୍ଷେତ୍ରରେ କାମ କରନ୍ତି, ତେଣୁ ପ୍ରୀତିଙ୍କର ସ୍ୱର ଏତେ ସୁନ୍ଦର ହେବା ସ୍ୱାଭାବିକ କଥା। କେବଳ ପ୍ରୀତି କାହିଁକି, ତାଙ୍କ ବଡ଼ଭଉଣୀ **ଶ୍ରୁତି ସୁଲଗ୍ନା** ବି ଖୁବ୍ ସୁନ୍ଦର ଗୀତ ଗାଇପାରନ୍ତି। ଶ୍ରୁତି ଅନେକ ବହି ଗୀତକୁ ଖୁବ୍ ସୁନ୍ଦର ଭାବେ ଗାଇ ୟୁଟ୍ୟୁବ୍‌ରେ ଚର୍ଚ୍ଚିତ ହୋଇଛନ୍ତି। ତା'ସହ ପ୍ରୀତି ୨କରୁ ୫କ ପଣକିଆ ଗାଇଥିବାବେଳେ ଉଭୟ ପ୍ରୀତି ଓ ଶ୍ରୁତି ମିଶି ୬କରୁ ଆରମ୍ଭ କରି ୟା' ଭିତରେ ୧୩କ ଯାଏଁ ପଣକିଆ ଗାଇସାରିଲେଣି। ତେବେ ସେମାନଙ୍କ ପଣକିଆ ଗାଇବାର ଶୈଳୀ ଟିକେ ଭିନ୍ନ ଧରଣର ଅର୍ଥାତ୍ ଏଥିରେ ସମାଜକୁ କିଛିଟା ସଚେତନ ବାର୍ତ୍ତା ଦିଆଯାଉଥିବାରୁ ଏହା ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁଥାଏ।

ତେବେ ପ୍ରୀତି ଓ ଶ୍ରୁତି ଏମିତି ପଣକିଆ ଗାଇବା କେଉଁଠୁ ଶିଖିଲେ ସେନେଇ ତାଙ୍କ ବାପା କୁରେଶ କୁହନ୍ତି, ''ଏହା ହେଉଛି କୋଭିଡ୍ ପୂର୍ବର କଥା। ସେତେବେଳେ 'ଆମ ନୟାଗଡ଼' ନାଁରେ ମୁଁ ଏକ ଫେସ୍‌ବୁକ୍ ଆଇଡି ଏବଂ ୟୁଟ୍ୟୁବ୍ ଚାନେଲ୍ ଖୋଲିଥିଲି। ସେଥିରେ ମୁଁ ମୋ ସ୍କୁଲ ପିଲାମାନଙ୍କୁ ନେଇକି କରିଥିବା କିଛି ସଚେତନତାମୂଳକ ଭିଡିଓକୁ ଅପ୍‌ଲୋଡ୍ କରୁଥିଲି। ଥରେ ଟ୍ରାଫିକ୍ ରୁଲ୍ ଉପରେ ଏକ ଭିଡିଓ କରି ଯେତେବେଳେ ଅପ୍‌ଲୋଡ୍ କଲି ତାହା ବେଶ୍ ଭାଇରାଲ୍ ହେଲା। କିଛିଦିନ ପରେ କୋଭିଡ୍ ମହାମାରୀ ଆରମ୍ଭ ହୋଇଗଲା। ବଡ଼ଝିଅ ସେତେବେଳେ ଚତୁର୍ଥରେ ଓ ସାନଝିଅ ପ୍ରଥମରେ ପଢୁଥିଲା। ସାନଝିଅର ଜମା ପଣକିଆ ହେଉ ନ ଥିଲା। ଥରେ ତାକୁ ଏମିତି ନିଆରା ଢଙ୍ଗରେ ପଣକିଆ ଶିଖାଇବାରୁ ସିଏ ତାକୁ ଭଲ ଭାବେ ଧରିନେଲା। ତା'ପରେ ତା'ର ଗୋଟେ ଭିଡିଓ କରିବାକୁ ଚିନ୍ତାକଲି। ଆଉ ଯେତେବେଳେ ଭିଡିଓଟି 'ଆମ ନୟାଗଡ଼' ୟୁଟ୍ୟୁବ୍ ଚାନେଲ୍‌ରେ ଅପ୍‌ଲୋଡ୍ କଲି, ଲୋକେ ତାକୁ ଏତେ ପସନ୍ଦ କଲେ ଯେ, ଏଭଳି ଢଙ୍ଗରେ ୩କ ପଣକିଆ କରିବା ପାଇଁ ଆମ ପାଖକୁ ଅନେକ ମେସେଜ୍ ଆସିଲା। କିନ୍ତୁ ଛନ୍ଦ କବିତା କରିବାକୁ ମୋତେ ଟିକେ ଅସୁବିଧା ହେବାରୁ ମୁଁ ବର୍ତ୍ତମାନ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଥିବା ଡ.ସନାତନ ପଣ୍ଡାଙ୍କର ସାହାଯ୍ୟ ଲୋଡ଼ିଲି। ସିଏ ୩କ ପଣକିଆରୁ ଛନ୍ଦରେ ସହଯୋଗ କରିବା ସହିତ ୬କରୁ ଏଯାବତ୍ ସବୁ ପଣକିଆରେ ସଚେତନତାମୂଳକ ଛନ୍ଦ ରଚନା କରିଆସୁଛନ୍ତି। ଆଉ ସେହି ଲେଖାକୁ ଆଧାର କରି ପ୍ରୀତି-ଶ୍ରୁତି ପଣକିଆ ଗାଇ ଚାଲିଛନ୍ତି। ୩କରୁ ୫କ ପର୍ଯ୍ୟନ୍ତ ପ୍ରୀତି ଏକା ଗାଇଛି। ୬କରୁ ୧୩କ ପର୍ଯ୍ୟନ୍ତ ପ୍ରୀତି-ଶ୍ରୁତି ମିଶିକି ଗାଇଛନ୍ତି। ପ୍ରୀତି ପଣକିଆର ଗୋଟେ ଲାଇନ୍ ଗାଏ ତା'ପରେ ଶ୍ରୁତି ତାକୁ ଛନ୍ଦ ପକେଇକି ସମାଜକୁ ସଚେତନତାମୂଳକ ବାର୍ତ୍ତା ଦେଲା ଭଳିଆ ଆଉ ଗୋଟେ ଲାଇନ୍ ଗାଏ। ଆମେ ଲକ୍ଷ୍ୟ ରଖିଛୁ ୨୫କ ଯାଏଁ ଏମିତି ପଣକିଆ କରିବୁ। ପଣକିଆ ବ୍ୟତୀତ ଝିଅ ଦୁହେଁ ଖୁବ୍ ସୁନ୍ଦର ଭଜନ ବି ଗାଇଥାନ୍ତି। ତା'ସହ କେତେକ କାର୍ଟୁନ ପ୍ରୋଗ୍ରାମ୍ ଓ କମେଡି ପ୍ରୋଗ୍ରାମ୍ ପାଇଁ ମଧ୍ୟ ସେମାନେ ଭଏସ୍ ଡବିଂ କରିଥାନ୍ତି। ଏହାଛଡ଼ା ଶ୍ରୁତି ରାଜ୍ୟ ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା(ସ୍ୱାର୍କ)ରେ ଶ୍ରୀଗୀତ ଗୋବିନ୍ଦ ଗାନ କରି, ପ୍ରଥମ ସ୍ଥାନ ଅଧିକାର କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସମ୍ମାନିତ ହେବାର ଗୌରବ ଅର୍ଜନ କରିଛି। ଏସବୁବ୍ୟତିତ ଅଂଶୁଘାତ, ଜଙ୍ଗଲ ସୁରକ୍ଷା, କନ୍ୟା ଭ୍ରୂଣ ହତ୍ୟା ଓ ସଡ଼କ ସୁରକ୍ଷାକୁ ନେଇ ଅନେକ ଗୁଡ଼ିଏ ସଚେତନଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ବି ଆମେ ପ୍ରସ୍ତୁତ କରିଛୁ; ଯେଉଁଥିରେ ମୋ ଦୁଇଝିଅଙ୍କର ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ବଡ଼ଝିଅ ମ୍ୟୁଜିକ୍ ଲାଇନ୍‌ରେ କ୍ୟାରିୟର୍ କରିବାକୁ ଇଚ୍ଛା ରଖିଥିବାବେଳେ ସାନଝିଅ ଡାକ୍ତର ହେବ ବୋଲି କହୁଛି। ଦେଖାଯାଉ ସେମାନଙ୍କ ଭାଗ୍ୟ ସେମାନଙ୍କୁ କୁଆଡ଼େ ନେଉଛି।'


ମା'ବାପାଙ୍କ ସହ ପ୍ରୀତି-ଶ୍ରୁତି

## ଜେଜେମା' ଆମ ଚାଇନା ବମ୍

ଏଇ କିଛିଦିନ ତଳେ ଏକ ଭିନ୍ନ କାହାଣୀଭିତ୍ତିକ ଓଡ଼ିଆ ଚଳଚ୍ଚିତ୍ର ''ଜେଜେମା' ଆମ ଚାଇନା ବମ୍''ରେ ଜେଜେମା' ଚରିତ୍ରରେ ଯେଉଁ କୁନି ଝିଅଟି ଖୁବ୍ ସୁନ୍ଦର ଅଭିନୟ କରିଥିଲେ ସେ କିଏ ଜାଣନ୍ତି। ସେ ହେଲେ **ଶାଶ୍ୱତି ମିଶ୍ର**। ତାଙ୍କୁ କେହି କେହି ଶ୍ୱାତି ମିଶ୍ର ବୋଲି ବି କହିଥାନ୍ତି। ତାଙ୍କ ବାପା ସତ୍ୟଶୋଭନ ମିଶ୍ର ତାଙ୍କୁ ସ୍ନେହରେ ଗୁଗୁଲି ବୋଲି ଡାକିଥାନ୍ତି। ତାଙ୍କ ବାପା ଜଣେ ବ୍ୟାଙ୍କ କର୍ମଚାରୀ। ମା' ଶୁଭସ୍ମିନୀ ପୁଷ୍ପାଳକ ଜଣେ ଶିକ୍ଷୟିତ୍ରୀ। ଘର ଟୋଲାଗୋପୀନାଥପୁର, ନିଆଳି, କଟକ। ଶ୍ୱାତି ଏବେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୋଧ ପଢୁଛନ୍ତି। ତେବେ ଶ୍ୱାତିଙ୍କର ପ୍ରଥମ ସୋସିଆଲ୍ ମିଡିଆରେ ପରିଚୟ ଇନ୍‌ଷ୍ଟାଗ୍ରାମ୍‌ରୁ ହୋଇଥିଲା। ଏ ନେଇ ଶ୍ୱାତିଙ୍କ ମା' ଶୁଭସ୍ମିନୀ କୁହନ୍ତି, 'ଆମେ ସ୍ୱାମୀସ୍ତ୍ରୀ ଦୁହେଁ କର୍ମଜୀବୀ। ଶାଶୂ ବି ଚାକିରି କରୁଥିଲେ। ତେଣୁ ଝିଅର ଦେଖାଚାହାଁ କରିବା ପାଇଁ ମୁଁ ମୋ ସାନଭଉଣୀ ଏଲିନା ପୁଷ୍ପାଳକକୁ ଆଣି ମୋ ପାଖରେ ରଖିଥିଲି। ସେ ଏଠାରେ ରହି ପାଠ ପଢୁଥିଲା ତା'ସହିତ ମୋ ଝିଅର ସବୁକଥା ବୁଝୁଥିଲା। ମୋ ଭଉଣୀର ଇନ୍‌ଷ୍ଟାଗ୍ରାମ୍‌ରେ ଗୋଟେ ଆଇଡି ଥିଲା। ବେଳେବେଳେ ଝିଅର କିଛି ଭିଡିଓ ସେଥିରେ ସିଏ ଅପ୍‌ଲୋଡ୍ କରିଦେଉଥିଲା। ଝିଅକୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ହୋଇଥିଲା ସେତେବେଳେ ସିଏ 'କିଆଁ ଯିବି ମୁଁ ମନ୍ଦିର କିଆଁ ପୂଜିବି ପଥର' ଗୀତରେ ଅଭିନୟ କରିଥିବାର ଏକ ଭିଡିଓକୁ ଏଲିନା ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ୍ କରିଦେଲା; ଯାହାକୁ ଲୋକେ ଏତେ ପସନ୍ଦ କଲେ ଯେ, ଏହାର ଭଲ ଭିୟୁଜ୍ ହେବା ସହ ସୁନ୍ଦର କମେଣ୍ଟମାନ ଆସିଲା। ତା'ପରେ ଏଲିନା ତା' ବାପା ଆଉ ମୋତେ ବୁଝେଇଲା, ଝିଅର ଭଲ ଟାଲେଣ୍ଟ ଅଛି, ତାକୁ ଆମେ ସେହି ଦିଗରେ ନେବା। ଶ୍ୱାତିର ବାପା ଯେହେତୁ ଜଣେ ଡ୍ରାମା ଆର୍ଟିଷ୍ଟ, ତେଣୁ ସିଏ ଏକଥାରେ ରାଜି ହୋଇଗଲେ। ତା'ପରଠୁ 'ଶ୍ୱାତି ମିଶ୍ର ଗୁଗୁଲି ୦୧' ନାମରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଆଇଡି ଖୋଲି ଶ୍ୱାତିର ସବୁ ଭିଡିଓ ସେଥିରେ ପକାଗଲା। ତା'ସହିତ 'ଶ୍ୱାତି ମିଶ୍ର ଗୁଗୁଲି' ନାଁରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଫେସ୍‌ବୁକ୍‌ରେ ଆଇଡି ବି ଖୋଲାହେଲା। ଧୀରେ ଧୀରେ ଶ୍ୱାତିର ଭିଡିଓ ଭାଇରାଲ୍ ହେବାରୁ ତାକୁ ବିଭିନ୍ନ ଚାନେଲ୍ ତରଫରୁ ଅଭିନୟର ଅଫର୍ ଆସିଲା। ପ୍ରଥମେ ସିଏ ଦିଦି ନଂ.୧ରେ ଅଂଶଗ୍ରହଣ କରି ବିଜୟିନୀ ହେଲା। ତା'ପରେ ତାକୁ 'ସିନ୍ଦୂରର ଅଧିକାର' ଧାରାବାହିକରେ ଏକ ଛୋଟ ସିନ୍‌ରେ ଅଭିନୟ କରିବାର ଅଫର୍ ମିଳିଲା। ଏହାପରେ ସିଏ ' ଆମ ଝାଲ୍ଲି ଅପା' ଧାରାବାହିକରେ ମଧ୍ୟ କିଛିଦିନ ଅଭିନୟ କଲା। ଆଉ ଏଇ କିଛିଦିନ ତଳେ ରିଲିଜ ହୋଇଥିବା ଚଳଚ୍ଚିତ୍ର ''ଜେଜେମା' ଆମ ଚାଇନା ବମ୍''ରେ ଅଭିନୟ କରି ସିଏ ଦର୍ଶକଙ୍କର ବେଶ୍ ପ୍ରଶଂସା ସାଉଁଟିଲା। ଏତିକି କହିବି, ଶ୍ୱାତି ଆଜି ଯାହାବି ହେଉଛି ସବୁକିଛି ତା' ମାଉସୀ ପାଇଁ ହିଁ ସମ୍ଭବ ହୋଇପାରିଛି। ସିଏ ତାକୁ ପୂରା ଗାଇଡ୍ କରୁଛି। ଭଗବାନଙ୍କୁ ଡାକୁଛି ତାଙ୍କ କରୁଣା ଦୃଷ୍ଟି ମୋ ଝିଅ ଉପରେ ସବୁବେଳେ ରଖିଥାନ୍ତୁ, ଆଉ ତାକୁ ଭଲ ମଣିଷଟେ କରନ୍ତୁ।'


ମା'ବାପା ଓ ମାଉସୀଙ୍କ ସହ ଶ୍ୱାତି

## ଟିକ୍‌ଟକ୍‌ରୁ ଭାଇରାଲ୍ ହେଲେ ମିଷ୍ଟି

ନାଁ ତାଙ୍କର **ପ୍ରିୟାଂଶି ପାଇକ**। ହେଲେ ବାପାମା' ସ୍ନେହରେ ଡାକନ୍ତି ମିଷ୍ଟି। ତାଙ୍କ ପ୍ରକୃତ ଘର ଗଜପତି ଜିଲା ରାୟଗଡ଼ ବ୍ଲକରେ। କିନ୍ତୁ ତାଙ୍କ ବାପା ସାଇରାମ ପାଇକଙ୍କ ଚାକିରି ପାଇଁ ସେମାନେ ଏବେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ରହୁଛନ୍ତି। ସେଠାରେ ପ୍ରିୟାଂଶି ଷ୍ଟାଣ୍ଡାର୍ଡ ୧ରେ ପଢୁଛନ୍ତି। ଯେ ଯେତେବେଳେ ନୂଆ କରି କଥା କହିବା ଆରମ୍ଭ କଲେ ତାଙ୍କ ମା'ବାପା 'ମିଷ୍ଟି ସ୍ୱାତୀ ସାଇ' ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ସେଥିରେ ମିଷ୍ଟିଙ୍କର ଭିଡ଼ିଓମାନ ଅପଲୋଡ୍ କଲେ। ମିଷ୍ଟିଙ୍କର ମିଠା ମିଠା କଥାର ଭିଡ଼ିଓକୁ ପ୍ରଥମରୁ ହିଁ ଲୋକେ ଖୁବ୍ ପସନ୍ଦ କରୁଥିଲେ। ସେ ସମୟରେ ଟିକ୍‌ଟକ୍ ବି ଚାଲୁଥିଲା। ଥରେ ଟିକ୍‌ଟକ୍‌ରେ ମିଷ୍ଟିଙ୍କର 'ମୁଁ ପପୁ ପମ୍‌ପମ୍‌କୁ ବାହାହେବି'ର ଏକ ଭିଡିଓ ପଡିଲା ପରେ ତାହା ବେଶ୍ ଭାଇରାଲ୍ ହେଲା। ପାଖାପାଖି ୩ ମିଲିୟନ୍‌ରୁ ଅଧିକ ଭିୟୁଜ୍ ଏହାର ହେଲା। ବାସ୍ ତା'ପରଠୁ ମିଷ୍ଟିଙ୍କର ଲୋକପ୍ରିୟତା ବଢ଼ିଚାଲିଲା। ଏ ନେଇ ମିଷ୍ଟିଙ୍କ ମା' ସ୍ୱାତୀଲତା ପାଇକ କୁହନ୍ତି, 'ଟିକ୍‌ଟକ୍ ବନ୍ଦ ହେଲାପରେ ଆମେ କେବଳ ୟୁଟ୍ୟୁବ୍‌ରେ ହିଁ ମିଷ୍ଟିର ଭିଡ଼ିଓ ଅପ୍‌ଲୋଡ୍ କରୁଥିଲୁ। ସବୁ ଭିଡ଼ିଓକୁ ଲୋକେ ପସନ୍ଦ କରୁଥିଲେ। ତା'ପରେ ଆମେ 'ସ୍ୱାତୀ ସାଇ ଇଟିଙ୍ଗ୍ ଚ୍ୟାଲେଞ୍ଜ' ଓ 'ମିଷ୍ଟି ଡିପ୍‌ସି ଲାଇଫ୍‌ଷ୍ଟାଇଲ୍' ନାମରେ ଆଉ ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲିଲୁ। 'ମିଷ୍ଟି ଡିପ୍‌ସି ଲାଇଫ୍‌ଷ୍ଟାଇଲ୍'ରେ ପ୍ରାୟତଃ ମିଷ୍ଟି ଓ ତା' ସାନଭଉଣୀ ରିୟାଂଶୀର ଭିଡିଓ ପଡିଥାଏ। ଯା' ଭିତରେ ଆମର ଏହି ୩ଟି ଯାକ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସିଲଭର୍ ପ୍ଲେ ବଟନ୍ ମିଳିସାରିଲାଣି। ଏହାଛଡ଼ା 'ମିଷ୍ଟି ଡିପ୍‌ସି ଲାଇଫ୍‌ଷ୍ଟାଇଲ୍' ଓ 'ମିଷ୍ଟି ସ୍ୱାତୀ ସାଇ' ନାମରେ ଇନ୍‌ଷ୍ଟାଗ୍ରାମ୍ ଆଇଡି ବି ଆମର ଅଛି; ଯାହାର ଫଲୋୟର୍ସ ସଂଖ୍ୟା ବି ଢେର୍ ଅଧିକ ରହିଛି। ମିଷ୍ଟି କେବଳ ଅଭିନୟରେ ନୁହେଁ ପାଠରେ ବି ଖୁବ୍ ଭଲ। ଗୀତ ବି ଭଲ ଗାଇଥାଏ। ତା'ର ଅଭିନୟର ପାରଦର୍ଶିତା ଦେଖି ତାକୁ 'ଅଳ୍ପ ଦିନର ଗଳ୍ପ' ଟାଇଟଲ୍ ବିଶିଷ୍ଟ ଏକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏଥିରେ ସେ ହିରୋଇନ୍‌ର ପିଲାବେଳର ଭୂମିକାରେ ଅଭିନୟ କରିଥିଲା; ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହାଛଡ଼ା ସେ କେତେକ ଷ୍ଟେଜ୍ ପ୍ରୋଗ୍ରାମ୍‌ରେ ବି ଅଭିନୟ କରି ଦର୍ଶକଙ୍କର ମନ ଜିଣିପାରିଛି। ଆଶା ଅଛି ଆଗକୁ ଯଦି ଦର୍ଶକଙ୍କର ଏପରି ଭଲପାଇବା ମିଳେ, ତା'ହେଲେ ମିଷ୍ଟିର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ ହେବ।'

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଆହୁରି ଅନେକ କୁନି କୁନି ଶିଶୁ ପ୍ରତିଭା ବି ଅଛନ୍ତି; ଯେଉଁମାନେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହୋଇଛନ୍ତି ବା ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ସେମାନଙ୍କର ସୁନେଲି ଭବିଷ୍ୟତ ପାଇଁ ସମସ୍ତଙ୍କର ଶୁଭେଚ୍ଛା ଓ ଶୁଭକାମନା ରହିଲେ ସେମାନେ ବି ଦିନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ।

– ଅସ୍ମିତା ମିଶ୍ର


ଦୀପିକା ପାଦୁକୋନ

# ପ୍ରେମ ସରିଲା ଟାଟୁ ଲିଭିଲା

**ପ୍ରେମ ଯେତେବେଳେ ହୁଏ ଚାରିଆଡ ଲାଗେ ପ୍ରେମମୟ। ମନ କହେ ସେଇ ମଣିଷଟି ହିଁ ସବୁଠୁ ନିଜର। ସେ ସାଥୀ ସାତ ଜନ୍ମର। ଏଇ ପ୍ରେମକୁ ଜାହିର କରିବା ଲାଗି କେହି କେହି ଶରୀରରେ ପ୍ରିୟ ମଣିଷ ନାଁର ଟାଟୁ ବି କରନ୍ତି । ତେବେ ଖାଲି ସାଧାରଣ ମଣିଷ ନୁହନ୍ତି କିଛି ସେଲିବ୍ରିଟି ବି ଟାଟୁ ମାଧମରେ ପ୍ରେମକୁ ଜାହିର କରିଥାନ୍ତି। କିନ୍ତୁ ଦୁଃଖର କଥା ବେଳେବେଳେ ସମ୍ପର୍କ ଭାଙ୍ଗିଯାଏ। ଆଉ ବାଧ ହୋଇ ଟାଟୁକୁ ଶରୀରରୁ ଲିଭେଇବାକୁ ପଡ଼େ। ଯେମିତିକି ଏଇ ସେଲିବ୍ରିଟିମାନେ ପ୍ରେମପାଇଁ ଖୋଦେଇ କରିଥିବା ଟାଟୁକୁ ସମ୍ପର୍କ ଭାଙ୍ଗିବାପରେ ଲିଭେଇ ଦେଇଛନ୍ତି...**

**ଦୀପିକା ପାଦୁକୋନ:** ବଲିଉଡର ଗ୍ଲାମର୍ସ ନାୟିକା ଦୀପିକା, ଅଭିନେତା ରଣବୀର କପୁରଙ୍କ ସହ ରିଲେଶନଶିପ୍‌ରେ ଥିବାବେଳେ ବେକରେ ‘ଆର୍‌କେ’ ଟାଟୁ କରାଇଥିଲେ। ହେଲେ ଏହି ରିଲେଶନଶିପ୍ ବେଶିଦିନ ତିଷ୍ଠି ନ ଥିଲା। ଦୁହେଁ ଅଲଗା ହୋଇଯାଇଥିଲେ। ପରେ ରଣବୀର ସିଂହ ତାଙ୍କ ଜୀବନକୁ ଆସିଥିଲେ। ତାଙ୍କ ସହ ସେ ବିବାହ ବି କଲେ। ତେଣୁ ସେ ବେକରେ କରିଥିବା ସେହି ଟାଟୁକୁ ହଟେଇ ଦେଇଛନ୍ତି।

**ହ୍ରିତିକ ରୋଶନ-ସୁଜେନ୍:** ହ୍ରିତିକ ରୋଶନ ଓ ସୁଜେନ ଖାଁଙ୍କ ଯୋଡି ବଲିଉଡ଼ର ଏକ ସୁନ୍ଦର ଯୋଡି ଥିଲା। ଦୁହିଁଙ୍କ ପ୍ରେମ କାହାଣୀର ବେଶ୍ ଚର୍ଚ୍ଚା ହେଉଥିଲା। ଏହି କପଲ୍ ନିଜ ପ୍ରେମକୁ ପ୍ରକାଶ କରିବା ଲାଗି ଉଭୟେ ହାତରେ ଷ୍ଟାର ଟାଟୁ ବି କରିଥିଲେ। ହେଲେ ଦୀର୍ଘବର୍ଷର ସୁଖି ଦାମ୍ପତ୍ୟ ଜୀବନ ପରେ ଦୁହେଁ ଅଲଗା ହୋଇଗଲେ। ଏହାପରେ ସୁଜେନ ନିଜ ହାତର ଷ୍ଟାରରେ କିଛି ମୋଡିଫିକେଶନ କରି ‘ଫଲୋ ୟୋର ସନ୍‌ସାଇନ୍’ଟାଟୁ କରାଇଛନ୍ତି। ହେଲେ ହ୍ରିତିକଙ୍କ ହାତରେ ଏବେବି ସେହି ଷ୍ଟାର ଟାଟୁ ଅଛି। ଏବେ ଦେଖିବାକୁ ବାକି ଅଛି ଯେ, ହ୍ରିତିକ ଯେହେତୁ ସବା ଆଜାଦଙ୍କ ସହ ରିଲେଶନ୍‌ରେ ଅଛନ୍ତି ସେ ସେଇ ପୁରୁଣା ଟାଟୁକୁ ହଟଉଛନ୍ତି କି ନାହିଁ।

**ଏମୀ ଜ୍ୟାକ୍ସନ ଓ ପ୍ରତୀକ ବବ୍ବର:** ଏମି ଜ୍ୟାକ୍ସନ ଓ ପ୍ରତୀକ ବବ୍ବର ବି ଦିନେ ରିଲେଶନଶିପ୍‌ରେ ଥିଲେ। ସେତେବେଳେ ଏମୀ ନିଜ ହାତରେ ବଡ଼ ବଡ଼ ଅକ୍ଷରରେ ପ୍ରତୀକଙ୍କ ନାମର ଟାଟୁ ‘ମେରା ପ୍ୟାର ମେରା ପ୍ରତୀକ’ କରାଇଥିଲେ। ପ୍ରତୀକ ବବ୍ବର ବି ‘ମେରା ପ୍ୟାର ମେରୀ ଏମୀ’ ଟାଟୁ ନିଜ ହାତରେ କରାଇଥିଲେ। ହେଲେ ବ୍ରେକ୍‌ଅପ୍ ପରେ ଏମୀ ନିଜ ହାତର ଟାଟୁକୁ ହଟେଇ ଦେଇଥିଲେ।

**ରାକ୍ଷୀ ସାୱନ୍ତ:** ବିଗ୍‌ବସ୍ ସିଜନ ୧୪ ପରେ ଡ୍ରାମା କୁଇନ୍‌ଭାବେ ପରିଚିତ ରାକ୍ଷୀ ସାୱନ୍ତ ସ୍ୱାମୀ ରିତେଶଙ୍କ ଉପରେ ନାନା ପ୍ରକାରର ଅଭିଯୋଗ ଆଣି ତାଙ୍କଠାରୁ ଛାଡ଼ପତ୍ର ନେଇଥିଲେ। ଏହାପରେ ରାକ୍ଷୀ ସ୍ୱାମୀଙ୍କ ନାମର ଟାଟୁ ହଟେଇ ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ ଜାରି କରି କହିଥିଲେ ତିନି ବର୍ଷର ବିବାହ ପରେ ରିତେଶ ଆଜି ମୋ ଶରୀର ଓ ମୋ ଜୀବନରୁ ସମ୍ପୂର୍ଣ୍ଣଭାବେ ଚାଲି ଯାଇଛନ୍ତି।

**ଆଞ୍ଜେଲିନା ଜୋଲି:** ହଲିଉଡ ଅଭିନେତ୍ରୀ ଆଞ୍ଜେଲିନା ଥରେ ଏକ ଇଣ୍ଟରଭ୍ୟୁରେ କହିଥିଲେ ଯେ, ସେ ତାଙ୍କର ପୂର୍ବତନ ପ୍ରେମିକ ବିଲି ବବ୍ ଥର୍ନଟନ୍‌ଙ୍କର ଟାଟୁ ନିଜ ବାହୁରେ କରିଥିଲେ। ହେଲେ ପରେ ଯେବେ ସମ୍ପର୍କ ଭାଙ୍ଗିଗଲା ଲେଜର୍ ସର୍ଜରୀ ମାଧ୍ୟମରେ ତାକୁ ଲିଭେଇ ଦେଇଥିଲେ। ଆଉ ସେହି ସ୍ଥାନରେ ନିଜ ପିଲାମାନଙ୍କର ଜନ୍ମ ସ୍ଥାନର ଏକ ଭୌଗୋଳିକ କୋର୍ଡିନେଟେଡ ଟାଟୁ କରାଇଥିଲେ।

**ଜନି ଡେପ୍:** ବ୍ରେକ୍‌ଅପ୍ ପରେ ଟାଟୁ ହଟେଇଥିବା ତାଲିକାରେ ଆଉ ଜଣେ ପ୍ରସିଦ୍ଧ ଅଭିନେତା ହେଉଛନ୍ତି ଜନି ଡେପ୍। ହଲିଉଡ଼ର ଏହି ଲୋକପ୍ରିୟ ଅଭିନେତା ଏକ ଫିଲ୍ମର ପ୍ରିମିୟରରେ ଭେଟିଥିଲେ ୱିନୋନା ରାଇଡର୍‌ଙ୍କୁ। ଆଉ ପ୍ରଥମ ଦେଖାରେ ହିଁ ପ୍ରେମ ହେଇଯାଇଥିଲା। ସେତେବେଳେ ଜନି ଡେପ୍‌ଙ୍କୁ ୨୬ ବର୍ଷ ଓ ୱିନୋନାଙ୍କୁ ୧୮ ବର୍ଷ ବୟସ। ପରେ ୱିନୋନା ବି ଜନିଙ୍କୁ ଖୁବ୍ ଭଲ ପାଇଥିଲେ। ଦୁହେଁ ପ୍ରେମରେ ଏତେ ମାତ୍ରାରେ ବୁଡ଼ି ଯାଇଥିଲେ ଯେ, ଜନି ଡେପ ନିଜ ବାହାରେ ‘ୱିନୋନା ଫରଏଭର୍’ର ଟାଟୁ କରିଥିଲେ। କିନ୍ତୁ ଦୁଃଖର କଥା ୪ ବର୍ଷ ପରେ ଏହି ସୁନ୍ଦର ପ୍ରେମ କାହାଣୀଟି ଭାଙ୍ଗିଯାଇଥିଲା। ଆଉ ଜନି ଡ଼େପ୍ ସେ ଟାଟୁ ଲିଭେଇ ଦେଇଥିଲେ।


ଏମୀ ଜ୍ୟାକ୍ସନ


ପ୍ରତୀକ ବବ୍ବର



ପ୍ରତୀକ ବବ୍ବର-ଏମୀ ଜ୍ୟାକ୍ସନଙ୍କ ଟାଟୁ ହୋଇଥିବା ହାତ


ହ୍ରିତିକ ରୋଶନ-ସୁଜେନ


ଆଞ୍ଜେଲିନା ଜୋଲି



ଜନି ଡେପ୍

# ପିଲା ମୋବାଇଲ ଛାଡି ବହି ଧରନ୍ତୁ



**ଖ**ବରକାଗଜ ଓ ପତ୍ରପତ୍ରିକା ବିନା ଏକ ଆଧୁନିକ ସମାଜର କଥା ଚନ୍ତା କରାଯାଇ ନ ପାରେ। ଯାହାକୁ ଖୁବ୍ ଭଲଭାବେ ଅନୁଭବ କରିଛନ୍ତି ଅନେକ ମଣିଷ। ଯେଉଁଥିପାଇଁ ସେମାନେ ବିଭିନ୍ନ ଭାଷାର ଦୈନିକ ଖବରକାଗଜ, ସପ୍ତାହିକ, ପାକ୍ଷିକ, ମାସିକ, ତୈମାସିକ, ଷାଣ୍ମାସିକ ଓ ବାର୍ଷିକ ପତ୍ରିକା ପଢିବା ସହ ସଂଗ୍ରହକରି ରଖିଥାନ୍ତି। ସେମିତି ଜଣେ ବ୍ୟକ୍ତିହେଲେ **ବିକାଶ କୁମାର ଶତପଥୀ,** ଯିଏକି ଏଇଥିପାଇଁ ବର୍ଷ ବର୍ଷ ଧରି ବିଭିନ୍ନ ସ୍ଥାନ ବୁଲି ପତ୍ରପତ୍ରିକା ସଂଗ୍ରହ କରିଛନ୍ତି। ବିକାଶଙ୍କ ଘର ହେଲା ଭଦ୍ରକ ଜିଲାର ବାସୁଦେବପୁରରେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସେ ଏମ୍.ଏ କରିଛନ୍ତି। ସେ କୁହନ୍ତି, 'ଓଡ଼ିଶା ସଂଗ୍ରହାଳୟ ସାମ୍ରାଜ୍ୟର ପ୍ରବାଦପୁରୁଷ ଦାଶରଥି ପଟ୍ଟନାୟକଙ୍କୁ ଅନୁସରଣ କରି ୧୯୯୦ ମସିହାରୁ ଗ୍ରାମୀଣ ସଂସ୍କୃତି ଓ ଶିକ୍ଷାର ବିକାଶ ପାଇଁ ଗାଁ ଗାଁ ବୁଲି ବିଭିନ୍ନ ଲୋକଙ୍କଠାରୁ ସଂଗ୍ରହ କରିଛି ବିଭିନ୍ନ ପତ୍ରପତ୍ରିକା ସହିତ ବିଭିନ୍ନ ପୁରାତନ ସାମଗ୍ରୀ। ବିଶେଷକରି ଛୋଟ ଛୋଟ ପିଲାଙ୍କ ହାତରୁ ମୋବାଇଲ ଅଭ୍ୟାସକୁ କମାଇବା ଉଦ୍ଦେଶ୍ୟରେ ଭଲ ବହିଟିଏ  ଧରାଇବା ଅଭ୍ୟାସ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛି। ଏଥିପାଇଁ ମୋ ଜେଜେଙ୍କ ନାମରେ ଗଢ଼ିଛି ଏକ ଏକ ପାଠାଗାର, ଯାହାର ନାଁ ହେଉଛି 'ଲୋକନାଥ ପାଠାଗାର'। ନିଃଶୁଳ୍କ ପାଠକ ଭାବେ ବହୁ ଛାତ୍ରୀଛାତ୍ର ଓ ଜିଜ୍ଞାସୁ ବ୍ୟକ୍ତି ଏହି ପାଠାଗାରରେ ପ୍ରତିଦିନ ଭିଡ଼ ଜମାଇଥାନ୍ତି। ପାଠାଗାରକୁ ଆକର୍ଷଣୀୟ କରିବା ପାଇଁ ୧୯୯୬ରେ ଏହାକୁ ସଂଗ୍ରହାଳୟର ରୂପ ଦେଇଛି। ପ୍ରାୟ ପଚାଶ ଜଣ ପିଲା ବସି ପଢ଼ିବା ଭଳି ଚେୟାର ବ୍ୟବସ୍ଥା କରାଯାଇଛି। ଏଠାରେ  ଦୁର୍ଲଭ ତାଳପତ୍ର ପୋଥିଠାରୁ ଆରମ୍ଭକରି ବିଭିନ୍ନ ଡାକ ଟିକେଟ, ଦେଶ ବିଦେଶର ବହୁ ପୁରୁଣା ମୁଦ୍ରା, କେତେକ ସାମୁଦ୍ରିକ ଜୀବଙ୍କ ଅଙ୍ଗ ଦେଖିବାକୁ ମିଳେ। ବିଦ୍ୟାର୍ଥୀମାନେ ବିନା ଅର୍ଥରେ ଦେଖିବାର ସୁଯୋଗ ପାଇ ବେଶ୍ ଆନନ୍ଦିତ ହେଉଛନ୍ତି। ସଂଗ୍ରହାଳୟରେ ରହିଛି ତିରିଶ ହଜାରରୁ ଊର୍ଦ୍ଧ୍ୱ ବହୁ ନୂଆ ଓ ପୁରୁଣା ମୂଲ୍ୟବାନ ପୁସ୍ତକ ଓ ପତ୍ରପତ୍ରିକ। ସେଥିମଧ୍ୟରୁ ତିନିଶହରୁ ଊର୍ଦ୍ଧ୍ୱ ବିଭିନ୍ନ ଶିଶୁପତ୍ରିକା ଉପଲବ୍ଧ। ଜହ୍ନମାମୁଁ, ଟୁଉକୁମୁସି, ନନ୍ଦନକାନନ, ଶିଶୁଲେଖା, ମନପବନ, ମୀନାବଜାର, ସଂସାର, ବିଜ୍ଞାନ ଦିଗନ୍ତ, ଲୀଳାବତୀର ପୃଷ୍ଠା, ସୁନାଭଉଣୀ, ସରଗଶଶୀ, ବେଲୁନ୍‌ବାଲା, ସୁନାପିଲା, ରୂପା ଥାଳିଆ, ବାନରସେନା, କୁନିରାଇଜ, ଝୁମୁକା, ବାଇଚଢ଼େଇ, କିଶୋର ସ୍ୱାକ୍ଷର, ଟୁଆଁଟୁଇଁ, ବାଘମାମୁଁ, ହଳଦୀ ବସନ୍ତ, ବିଲେଇନାନୀ, ପରୀରାଇଜ, କଣାମାମୁଁ, ପୁସିମାଉସୀ, ବଗ ବଗୁଲି, ବାଲିଘର, କଳାମାଣିକ, ଚଇତି ଚଢ଼େଇ, ସୁନା କହ୍ନେଇ, ଶିଶୁ ପ୍ରତିଭା, ପରଶମଣି, କାଗଜଡଙ୍ଗା, କୁନି କଥା ଏପରି ଅନେକ ପ୍ରକାଶିତ ଓ ଅପ୍ରକାଶିତ ଶିଶୁପତ୍ରିକା ପିଲାମାନଙ୍କୁ ପଢ଼ିବା ପାଇଁ ଦିଆଯାଇଥାଏ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ, ଏ ବିଷୟକୁ ଅନୁଭବ କରି ସେମାନଙ୍କ ପାଇଁ ଏକ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ବାଇଚଢ଼େଇ' ସମ୍ପାଦନା କରୁଛି। ଗ୍ରୀଷ୍ମ ଅବକାଶ ସମୟରେ ବିଦ୍ୟାଳୟଗୁଡ଼ିକ ଲମ୍ବା ଛୁଟି ପଡ଼ିଥିବାରୁ ବିଭିନ୍ନ କୋଚିଙ୍ଗ ସେଣ୍ଟର ଓ ଘର ଘର ବୁଲି ପିଲାମାନଙ୍କ ହାତରୁ ମୋବାଇଲ ଛଡ଼ାଇ ମନଲାଖି ଶିଶୁ ସାହିତ୍ୟ ଧରାଇବାର ଅଭିନବ ପ୍ରୟାସ କରିଥାଏ। କେବଳ ଭଦ୍ରକ ନୁହେଁ, ବାଲେଶ୍ୱର, ମୟୂରଭଞ୍ଜ ଓ ଯାଜପୁର ଜିଲାର ଏକାଧିକ ଘରୋଇ ଶିକ୍ଷାନୁଷ୍ଠାନକୁ ଯାଇ ସଚେତନତା ସୃଷ୍ଟି କରିଛି। ଏହାବାଦ୍ ମୋ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଆମ କୌଳିକ ବୃତ୍ତିକୁ ଆଦରି ବୈଦିକ କର୍ମକାଣ୍ଡରେ ନିଜକୁ ସାମିଲ କରିଛି। ଆମ ସଂସ୍କୃତିରୁ ହଜି ଯାଉଥିବା ବହୁ ପୁରାତନ ଓ ବିରଳ ସାମଗ୍ରୀଗୁଡ଼ିକୁ ଏଠାରେ ସାଇତି ରଖିବା ଅଭିଯାନ ଚାଲୁରହିଛି।







# ଆଗାମୀ ପିଢି ପାଇଁ ପତ୍ରପତ୍ରିକା ସଂଗ୍ରହ କରୁଛି

**ପୁ**ରୁଣା ହେଉ କି ନୂଆ ବିଭିନ୍ନ ପତ୍ରପତ୍ରିକା ସଂଗ୍ରହ କରିବା ନିଶା ତାଙ୍କୁ ଦେଇଛି ଭିନ୍ନ ପରିଚୟ । ସେ ହେଲେ **ରାଜକିଶୋର ଷଡ଼ଙ୍ଗୀ,** ବୃତ୍ତିରେ ଜଣେ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ। ଘର ଜଗତ୍‌ସିଂହପୁର ଜିଲାର କୁଜଙ୍ଗରେ। ସେ କୁହନ୍ତି, 'ଓଡ଼ିଆ ଭାଷାରେ ଆଜିପର୍ଯ୍ୟନ୍ତ କେତେ ସମ୍ବାଦପତ୍ର  ପ୍ରକାଶ ପାଇଛି ଏବଂ କେତେ ପତ୍ରପତ୍ରିକା ଆତ୍ମପ୍ରକାଶ  କରିଛି,ତା'ର ଠିକ ହିସାବ ଏଯାଏ କେହି କହିନାହାନ୍ତି। କିନ୍ତୁ ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାଦିନେ ଓଡ଼ିଆ ଖବରକାଗଜ ପଢୁଥିଲି। ନୂଆ ଖବର କାଗଜଟି କିଛିଦିନ ପରେ ପୁରୁଣା ହୋଇଯିବାପରେ ଅନେକେ ତାକୁ ଫୋପାଡ଼ି ଦିଅନ୍ତି। କିନ୍ତୁ ଖବରକାଗଜ ଭିତରେ ଏମିତି ଅନେକ ତଥ୍ୟ ଥାଏ ଯାହା ବହୁତ କାମରେ ଆସେ। ଯାହାକି ମତେ ପ୍ରେରିତ କଲା ଖବରକାଗଜ ସଂଗ୍ରହ ପାଇଁ। ସେଥିପାଇଁ ୨୦୦୪ରୁ  ବିଭିନ୍ନ ପତ୍ରପତ୍ରିକା ସଂଗ୍ରହ କରିବା ଆରମ୍ଭ କରିଥିଲି। ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଭାଷାର ପ୍ରାୟ ୩ ହଜାର ଖଣ୍ଡ ବିଭିନ୍ନ ଖବରକାଗଜ ସାଇତି ରଖିଛି। ସେଥିମଧ୍ୟରୁ ୧୮୫୦ର ବିଭିନ୍ନ ଖବରକାଗଜ ରହିଛି। ୨୪୦ ପ୍ରକାର ଦୈନିକ ଖବରକାଗଜ, ୬୫୦ ପ୍ରକାର ସାପ୍ତାହିକ, ୪୬୦ ପ୍ରକାର ପାକ୍ଷିକ, ୫୭୦ ପ୍ରକାର ମାସିକ  ଖବରକାଗଜ ରଖିଛି। ସେହିପରି ଓଡ଼ିଶା ବାହାରୁ ପ୍ରକାଶିତ ୧୮୧୦ ପ୍ରକାର ସାହିତ୍ୟ ପତ୍ରିକା, ଓଡ଼ିଶାରୁ ପ୍ରକାଶିତ ୭୦ ପ୍ରକାରର ସାହିତ୍ୟ ପତ୍ରିକା ଅନ୍ତର୍ଭୁକ୍ତ। ସେହିପରି ୨୬୦ଟି ଆଧ୍ୟାତ୍ମିକ ପତ୍ରିକା ରହିଛି। ଓଡ଼ିଶାରେ ଥିବା ବିଭିନ୍ନ ସରକାରୀ ଉଦ୍ୟୋଗ, ଶିଳ୍ପସଂସ୍ଥା, ବିଭିନ୍ନ ସଂଘ, ପ୍ରେସ୍‌କ୍ଲବ, ଆସୋସିଏଶନ, ସ୍କୁଲ, କଲେଜ, ସାଂସ୍କୃତିକ ଆଦି ବିଭିନ୍ନ ଅନୁଷ୍ଠାନରୁ ପ୍ରକାଶିତ ସ୍ମରଣିକା ସଂଗ୍ରହ କରି ରଖିଛି। ଭବିଷ୍ୟତରେ ଏସବୁକୁ ନେଇ ଏକ ଗ୍ୟାଲେରି କରିବା ପାଇଁ ଆଶା ଅଛି। ତେବେ  ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାକୁ ନେଇ ଏକ ପୂର୍ଣ୍ଣାଙ୍ଗ  ପରିଚୟ  ପୁସ୍ତକ ପ୍ରକାଶ କରିବା ପ୍ରୟାସ ଚାଲୁରଖିଛି। ଏହାଦ୍ୱାରା ଆଗାମୀ ପିଢ଼ିଙ୍କୁ ଏଥିରୁ ବହୁ ମୂଲ୍ୟବାନ୍ ତଥ୍ୟ ମିଳିପାରିବା ସହ ସେମାନଙ୍କ ଗବେଷଣାରେ ସହାୟକ ହେବ।






–ବନବିହାରୀ ବେହେରା




## ବାଟୋଇ

**ମନୋଜ ମିଶ୍ର**

ତୁମେ ଆସୁଛ .. ?
ଜାଣେ...
ସେଥିପାଇଁ ତ ଖାସ୍
ଛାତିରେ ଖୋଦେଇନେଇଛି
ତାରିଖ ପହିଲି ଦେଖାର ..
କୋଇଲିର କୁହୁରେ
ଠିକ୍ ବାରିନେଇଛି ତୁମ ସ୍ୱର,
ଆସ...
ଦେଖିଯାଅ
ତୁମ ଆସିବା ବାସ୍ନା ପାଇ
ଛାଁ ଛାଁ ହୁଗୁଳେ କେମିତି ଲୁଗାଗଣ୍ଠି
କାଟପାଣି ପିଏ ମୋ' ଘର
ପତ୍ରେ ପତ୍ରେ ଛପିଯାଏ ଚିତ୍ର
ଆଖିରେ ଖେଳେ
ସହସ୍ର ଜୁଆର..
ପବନରୁ ତୁମ ଦେହ ଉତ୍ତାପ ସାଉଁଟି
କାୟା ମୋର ଭୋଗେ କେତେ
ତୁହା ତୁହା ଜ୍ୱର.. !

*-ହାବିଟାଟ୍ ୱାର୍ଲ୍ଡ,
ଇଣ୍ଡିଆ ହାବିଟାଟ୍ ସେଣ୍ଟର
ନୂଆଦିଲ୍ଲୀ, ମୋ: ୯୮୭୧୮୩୦୯୧୭*



# ଆସ୍ଥାନ

**-ନିବେଦିତା ନନ୍ଦ**

ସକାଳୁ ସହଦେବକୁ ଉଠେଇ ବସେଇ ଦେଉନି ସୁମିତ୍ରା। ଶୀଘ୍ର କାମ ସାରି ବଜାରକୁ ଗଲେ ସିନା ଠିକ୍‌ରେ କିଣାକିଣି କରିହେବ। ସୁନାଦୋକାନରେ ଆଜି ଅସମ୍ଭାଳ ଭିଡ଼ ହେବ। ଜଲ୍‌ଦି ନ ଗଲେ କିଣି ତ ହେବନି ଅଯଥା ଭିଡ଼ରେ ଫସିବା ସାର ହେବ। ଇୟେ ଗୋଟେ ଆଠଟା ନ ବାଜିଲେ ଉଠିବେନି....ସୁମିତ୍ରା ଗର ଗର ହେଉଥିଲା।


ଏଣେ ଶୁଭ ସମୟ କେବଳ ଦିନ ଚାରିଟା ଯାଏ ଅଛି। ଅନ୍ୟ ଦିନ ଅପେକ୍ଷା ବେଶ୍ ଫୁର୍ତ୍ତିରେ କାମ କରିବାର ଦେଖିବାକୁ ମିଳୁଥିଲା ସୁମିତ୍ରାକୁ। ଧନ୍‌ତେରସ୍‌ରେ କ'ଣ ସବୁ କିଣିଲେ ଘରକୁ ଲକ୍ଷ୍ମୀ ଆସିବେ ବୋଲି ଗତ କିଛିଦିନ ଧରି ଖୁବ୍ ଗବେଷଣା ଚଳେଇଥିଲା। ଏଥିପାଇଁ ହ୍ୱାଟ୍ସଆପ୍ ୟୁନିଭର୍ସିଟି, ଫେସ୍‌ବୁକ୍ କଲେଜ ଆଉ ରିଲ୍ସ କ୍ଲାସ୍‌ରେ ଗତ କିଛିଦିନ ଧରି ନିୟମିତ ସୁମିତ୍ରାର ଆଟେଣ୍ଡାନ୍ସ ପଡୁଛି ବୋଲି ସହଦେବ ଲକ୍ଷ୍ୟ କରିଛି।

ଯାହା ହେଉ ସୁନା କାନଫୁଲ ଆଉ ରୁପା କଏନ୍ କିଣି ଝାଳନାଳ ହୋଇ ଦୋକାନରୁ ବାହାରିଲେ ଦୁହେଁ। ରାସ୍ତାରେ ସୁମିତ୍ରା ଝାଡୁ କିଣିବା ପାଇଁ ଅଟକିଲା। ଝାଡୁ ପୁଣି କ'ଣ ହେବ...

ଝାଡୁ ଖୋଦ୍ ମହାଲକ୍ଷ୍ମୀଙ୍କ ରୂପ। ଧନ୍‌ତେରସ୍‌ରେ ଝାଡୁ କିଣିଲେ ମହାଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ସୁମିତ୍ରା ଜବାବ ଦେଲା।

ଘରେ ପହଞ୍ଚି ସୁମିତ୍ରା କିଣିଥିବା ସୁନାରୁପାକୁ ଆଲମାରୀରେ ରଖିଲା। ସହଦେବ ଝାଡୁକୁ ନେଇ ବାଲ୍‌କୋନିରେ ରଖିଦେଲା।

ସନ୍ଧ୍ୟାରେ ସୁମିତ୍ରା ପୁଣି ଗରଗର ହେଲା... ଉତ୍ତର ଦିଗରେ ଆଣି ଝାଡୁ ରଖିଛ। ଯେତେ ସବୁ ଲକ୍ଷ୍ମୀଛଡ଼ା



କାମ ତୁମର।

ଉତ୍ତର ଦିଗରେ ପୁଣି କ'ଣ ଅସୁବିଧା... ?

ସହଦେବ ଆଶ୍ଚର୍ଯ୍ୟ ହୋଇ ପଚାରିଲା।

ଆରେ, ଉତ୍ତର ଦିଗ ପରା ଧନର ଦିଗ। ସ୍ୱୟଂ ମହାଲକ୍ଷ୍ମୀଙ୍କ ଆସ୍ଥାନ... ସେଠି କିଏ ଝାଡୁ ରଖେ... !

ସହଦେବର ଅକଲ ଗୁଡୁମ ହୋଇଯାଉଥିଲା।

*-ବାସନ୍ତୀ କଲୋନି, ରାଉରକେଲା
ମୋ:୮୨୪୯୪୪୨୫୭୩*

## ଅଭିଳାଷ

**-ବନ୍ଦନା ପଣ୍ଡା**

ଇଚ୍ଛା ହୁଏ ପଢ଼ିବାକୁ
ନିଃଶବ୍ଦ ନିଶାର୍ଦ୍ଧରେ ଜହ୍ନର ନୀରବତା
ରାସ୍ତା କଡ଼େ ଶୋଇଥିବା ଭୋକର ପୀଡ଼ା
ଦାଦନ ଖଟୁଥିବା ବାଳୁତ ଆଖିର ସ୍ୱପ୍ନକୁ।

ଇଚ୍ଛା ହୁଏ ମାପିବାକୁ
ଅମା ରାତିରେ ଆକାଶର ଶୂନ୍ୟତା,
ସାଗରର ଗଭୀରତା
ବୁଝିବାକୁ ଇଚ୍ଛା ହୁଏ
ବର୍ଷାର ବିରହ ଗୀତିକା ।


ଇଚ୍ଛା ହୁଏ ଜାଣିବାକୁ
ହାଡ଼ଭଙ୍ଗା ଖଟୁଥିବା ଶ୍ରମିକର ଧୈର୍ଯ୍ୟ
ବେରୋଜଗାରର ଦୁଃଖରେ କେମିତି
ଉଙ୍କିମାରେ ହସ ।

ଇଚ୍ଛା ହୁଏ ଭେଟିବାକୁ
ସେହି ସବୁ କାନ୍ଦୁରା ଅତୀତ,
ଯେଉଁଠି ଥିଲା
ଗୋଧୂଳିରେ ପଥହୁଡ଼ା ବାଛୁରୀର
ହମ୍ବା ହମ୍ବା ଡାକ
ମାଘ ମାସ ସକାଳର ଥରଥର ଶୀତ।

ଏମିତି ବି ଇଚ୍ଛା ହୁଏ ଛୁଇଁବାକୁ
ତୁମର ସେ ଅଭୟ ଅଫେରା ଛାଇକୁ
ଓଢ଼ଣା ତଳେ ଝରୁଥିବା ଅପେକ୍ଷାର ଲୁହ,
ଆଉ ତା'ର
କ୍ଲାନ୍ତ କୋମଳ ଅବଶ ପାଦକୁ।

ସତରେ ଭାରି ଇଚ୍ଛା ହୁଏ
କୋକେଇରେ ଆରପାରିକୁ ଯାଇଥିବା
ବୋଉର କୋଳରେ ମୁଣ୍ଡ ରଖିବାକୁ
ତା' ଆଖିର ଭାଷା ପଢ଼ିବାକୁ
ପିଠିରେ ଆଉଜି ମିଠା ମିଠା କଥା ଶୁଣିବାକୁ।

*-ଲୁମ୍ବିନୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୪୨୮୬୪୯*



# ଦ୍ୱନ୍ଦ୍ୱରେ ଦିଶା

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ସେଥିରୁ ଦିଶା ପଟାନି ବା କିପରି ବାଦ୍ ପଡନ୍ତେ ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ଦିଶା ଭଲ ଭାବରେ ଅବଗତ ହେଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ଦିଶା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ତେଣୁ ସେଥିପାଇଁ ସେ ପାରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି ବୋଲି ଆଲୋଚନା ହେଉଛି। ଏଭଳି ଆଲୋଚନା ବିଷୟରେ ସୂଚନା ପାଇବା ପରେ ଦିଶା ସଫେଇ ଦେଇ କହନ୍ତି, 'ମୋର ଏକ ନୂଆ ପ୍ରୋଜେକ୍ଟକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଛି। କିଏ କହୁଛି ମୁଁ କୁଆଡେ ଏଥିପାଇଁ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛି। ହେଲେ ଏହା ସମ୍ପୂର୍ଣ୍ଣ ମିଛ କଥା। ଏହି ନୂଆ ଫିଲ୍ମ ପାଇଁ ମୁଁ ଡେଟ୍ ସନ୍ଧାନରେ ଅଛି। ତେଣୁ ମୋତେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ୧୦-୧୫ ଦିନ ସମୟ ଦିଆଯାଇଛି। ଏହାକୁ ଭିନ୍ନ ଭାବରେ ଆଲୋଚନା କରିବା ଆଦୌ ଠିକ୍ ନୁହେଁ।'



ଦିଶା

# ମନା କରିଥିଲେ ପ୍ରଭାସ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ପ୍ରଭାସ ଏକଦା ଏକ ଭଲ ହିନ୍ଦୀ ସିନେମା ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହି ଫିଲ୍ମଟିର ନିର୍ଦ୍ଦେଶକ ଥିଲେ ସଞ୍ଜୟ ଲୀଲା ଭଁସାଲି। କଥା କ'ଣ କି ସଞ୍ଜୟଙ୍କ ବ୍ଲକବଷ୍ଟର ଫିଲ୍ମ 'ପଦ୍ମାବତ୍'ର ଅବଶିଷ୍ଟ କାଷ୍ଟିଂ ଶେଷ ହୋଇସାରିଥାଏ। ମହାରାୱଲ ରତନ ସିଂ ରୋଲ୍ ପାଇଁ ସଞ୍ଜୟ ସେତେବେଳେ ପ୍ରଭାସଙ୍କୁ ପ୍ରଥମ ଚଏସ ଭାବରେ ରଖିଥିଲେ। ହେଲେ ଯେତେବେଳେ ତାଙ୍କ ସହ ଯୋଗାଯୋଗ କରାଗଲା, ସେତେବେଳେ ସେ ମନା କରିଦେଇଥିଲେ। ଆଉ ମନା କରିବାର କାରଣ କ'ଣ ସେ ବିଷୟରେ କିଛି କହି ନ ଥିଲେ। ପ୍ରକୃତ କଥା ହେଲା, ବାହୁବଳୀ ତୁଳନାରେ ଏହି ଭୂମିକାଟି ତାଙ୍କ କ୍ୟାରିୟରକୁ ମାଇଲେଜ ଦେବ ନାହିଁ ବୋଲି ଆରମ୍ଭରୁ ଜାଣିପାରିଥିଲେ। ଏ କଥା ଖୋଦ୍ ପ୍ରଭାସ ହିଁ କହିଛନ୍ତି। ''ସେତେବେଳ ମୁଁ 'ବାହୁବଳୀ୨ : ଦ କନକ୍ଲୁଜନ'ର ଶୁଟିଂ କରୁଥାଏ। ସେହି ଭୂମିକା ତୁଳନାରେ 'ପଦ୍ମାବତ୍'ରେ ମୋତେ ମିଳୁଥିବା ଚରିତ୍ର ସେତେ ଦମଦାର ଲାଗି ନ ଥିଲା। ତେଣୁ ସେଥିରେ ଅଭିନୟ କରିବି ନାହିଁ ବୋଲି ମନା କରିଦେଇଥିଲି।' ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ରଣବୀର ସିଂଙ୍କୁ ସାଇନ୍ କରାଯାଇଥିଲା।



ପ୍ରଭାସ

# ସମାଜସେବା କରିବେ ପରିଣିତୀ

ପରିଣିତୀ ଚୋପ୍ରା ଏବେ ଏକ ନୂଆ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ବର୍ତ୍ତମାନ ସେ ସମାଜସେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ନିଜର ଏଭଳି ଯୋଜନା ବିଷୟରେ ପରିଣିତୀ କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜ ସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ କେତେ ଜଣ ନାମୀ ସମାଜସେବୀଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି ବୋଲି ମାଇଣ୍ଡ ମେକଅପ କରିସାରିଛି। ମୋର କେତେ ଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ସମାଜ ସେବା କରିବା ସହ ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତା' ସହ ସମାଜ ସେବା ବିଷୟବସ୍ତୁକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।' ତେବେ ଏ କ୍ଷେତ୍ରରେ ପରିଣିତୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ପରିଣିତୀ

# ପ୍ରସ୍ଥାନମ


ବର୍ତ୍ତମାନ ଓଟିଟି ପ୍ଲାଟଫର୍ମ ବେଶ୍ ଦର୍ଶକାଦୃତ ହେବାରେ ଲାଗିଛି। ଅନେକ ପ୍ରଯୋଜକ ନିଜ ସିନେମାକୁ ଏଠାରେ ରିଲିଜ କରିବାକୁ ପସନ୍ଦ କରୁଛନ୍ତି। ସେହି ତାଲିକାରେ ଓଡ଼ିଆ ସିନେମା 'ପ୍ରସ୍ଥାନମ' ବି ସାମିଲ ହୋଇଛି । ପୂର୍ବରୁ ବଡ ପରଦାରେ ମୁକ୍ତିଲାଭ କରି ଚିତ୍ରଟି ହିଟ୍ ସାବ୍ୟସ୍ତ ହୋଇସାରିଛି। ତେଣୁ ଏଥର ଦୀପାବଳି ଅବସରରେ ଏହାକୁ ଅନ୍ୟତମ ଅଗ୍ରଣୀ ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'ରେ ଏହାକୁ ରିଲିଜ କରାଯାଇଛି। ପ୍ରାରମ୍ଭରୁ ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସମକ୍ଷ ହୋଇଛି। ଏହି ଫିଲ୍ମରେ କଲେଜ କ୍ୟାମ୍ପସ ଜୀବନର ଯୁବ ପ୍ରେମ, ଉଚ୍ଚାକାଂକ୍ଷା ସଂଘର୍ଷ ମାଧ୍ୟମରେ ଦର୍ଶକଙ୍କୁ ଏକ ରୋମାନ୍ସ-ଆକ୍ସନ କାହାଣୀକୁ ଉପସ୍ଥାପନ କରାଯାଇଛି। ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରାଜା.ଡି। ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଲାନ ଦାସ, ଶ୍ରଦ୍ଧା ପାଣିଗ୍ରାହୀ, ପାର୍ଥ ସାରଥୀ ରାୟ ଓ ମନୋଜ ମିଶ୍ର। ଏ ସମ୍ପର୍କରେ ଉକ୍ତ ପ୍ଲାଟଫର୍ମର ପ୍ରତିଷ୍ଠାତା ଅକ୍ଷୟ ପରିଜା କହନ୍ତି, 'ଦିନକୁ ଦିନ ଓଟିଟି ପ୍ଲାଟଫର୍ମ ଦର୍ଶକାଦୃତ ହେବାରେ ଲାଗିଛି। ଓଡିଶାର ଦର୍ଶମ 'କଞ୍ଚାଲଙ୍କା'କୁ ଯେତିକି ଭଲ ପାଇବା ଦେଇଛନ୍ତି ସେ ନେଇ ସେମାନଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ।' ଅନ୍ୟପକ୍ଷରେ ନିର୍ଦ୍ଦେଶକ ରାଜା ଡି' କହନ୍ତି, 'ଓଟିଟି ପ୍ଲାଟଫର୍ମର ଚାହିଦାକୁ ଦେଖି ଏ ଥ ର ଦୀପାବଳିରେ ଏହି ଫିଲ୍ମଟିକୁ ରିଲିଜ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଶା ଅନୁସାରେ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରୁଛନ୍ତି।'



ଅମ୍ଲାନ-ଶ୍ରଦ୍ଧା

# କେବଳ ଶାହରୁଖ

ତାପସୀ ପାନ୍ନୁଙ୍କୁ ଯଦି କେଉଁ ଅଭିନେତାଙ୍କ ସହ ସିରିଜ୍ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳେ ତେବେ ସେ କାହାକୁ ଚଏସ କରିବେ ଜାଣନ୍ତି ? ସେ ହେଉଛନ୍ତି ଶାହରୁଖ ଖାଁ। ତାଙ୍କ ସହ ହିଁ ତାପସୀ ସିରିଜ୍ ଫିଲ୍ମରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିକଟରେ ନିଜ ଆକ୍ଟିଂ କ୍ୟାରିୟର ବିଷୟରେ କହୁ କହୁ ସେ କହିଥିଲେ ଯେ, ''ମୁଁ ୟା ଭିତରେ ଅନେକ ସିନେମାରେ ଅଭିନୟ କରିସାରିଲିଣି। କେତେ ଜଣ ଆକ୍ଟରଙ୍କ ସହ ମୋର କେମେଷ୍ଟ୍ରି ବେଶ୍ ଦର୍ଶକାଦୃତ ବି ହୋଇଛି। କିନ୍ତୁ ଯଦି ମତେ କାହା ସହ ଲଗାତର ଫିଲ୍ମରେ ଅଭିନୟ କରିବାକୁ କୁହାଯାଏ ତେବେ ମୁଁ ବିନା ଦ୍ୱିଧାରେ ଜଣଙ୍କୁ ହିଁ ବାଛିବି। ସେ ହେଉଛନ୍ତି ସୁପରଷ୍ଟାର ଶାହରୁଖ ଖାଁ। ଅବଶ୍ୟ ତାଙ୍କ ସହ ମୁଁ 'ଡ଼ଙ୍କି'ରେ ଅଭିନୟ କରିସାରିଛି। ହେଲେ ଭବିଷ୍ୟତରେ ଯଦି ମୋତେ କେବେ ପୁଣି ଥରେ ତାଙ୍କ ସହ କାମ କରିବାର ସୁଯୋଗ ମିଳେ ତାହାକୁ ମୁଁ ଆଦୌ ହାତଛଡା କରିବି ନାହିଁ।''



ତାପସୀ

# କରୀନା ଯାହା ଭାବିଥିଲେ..


ବେଳେବେଳେ ଜଣେ ଯାହା ଭାବିଥାଏ ତାହା ସତରେ ପରିଣତ ହେଇଯାଏ। ଏହାର ଉଦାହରଣ ବି ଅନେକ ରହିଛି। କଥା କ'ଣ କି ନିକଟରେ ମଲ୍ଟି ଷ୍ଟାରର ହିନ୍ଦୀ ଫିଲ୍ମ 'ସିଂଘମ ଏଗେନ୍' ବକ୍ସ ଅଫିସରେ ପ୍ରାରମ୍ଭରୁ ରେକର୍ଡ ସୃଷ୍ଟି କରିଛି। ରିଲିଜ ହେବାର ମାତ୍ର ଦିନ କେଇଟାରେ ଏହି ସିନେମା ଶହେ କୋଟି କ୍ଲବରେ ସାମିଲ ହୋଇଛି। ଏହାକୁ ନେଇ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅଜୟ ଦେବଗନ ଏବଂ ନିର୍ଦ୍ଦେଶକ ରୋହିତ ସେଟ୍ଟି ଯେତିକି ଖୁସି ନୁହନ୍ତି, ତା'ଠାରୁ ଅଧିକ ଖୁସିରେ ଉଛୁଳୁଛନ୍ତି କରୀନା କପୁର। କାରଣ କିଛି ବର୍ଷ ଗ୍ୟାପ୍ ପରେ ତାଙ୍କ ଅଭିନୀତ ସିନେମା ଭଲ ବିଜନେସ କରୁଛି। ଏ ବିଷୟରେ ସେ କହନ୍ତି, 'ଏହି ଫିଲ୍ମର ଶୁଟିଂ ସମୟରେ ଥରେ ମୁଁ ନିର୍ଦ୍ଦେଶକଙ୍କୁ କହିଥିଲି, ଦେଖିବେ ଆମ ସିନେମା ବକ୍ସ ଅଫିସରେ ନିଶ୍ଚୟ ଭଲ ବିଜନେସ୍ କରିବ। ଯାହାହେଉ ଆଜି ମୋର ସେହି ଆକଳନ ସତରେ ପରିଣତ ହୋଇଛି। ଫିଲ୍ମଟି ରିଲିଜ ହେବାର ମାତ୍ର ତିନି ଦିନରେ ଶହେ କୋଟିରୁ ଊର୍ଦ୍ଧ୍ୱ ବିଜନେସ କରିବାରେ ସଫଳ ହୋଇଛି।' ୩୭୫କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମଟି ୨୪୪କୋଟିରୁ ଊର୍ଦ୍ଧ୍ୱ ବିଜନେସ କରିସାରିଲାଣି। ଏହାର ପ୍ରଯୋଜନା କରିଛନ୍ତି ରୋହିତ ସେଟ୍ଟି, ଅଜୟ ଦେବଗନ ଏବଂ ଜ୍ୟୋତି ଦେଶପାଣ୍ଡେ। ଏହାର ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ଅକ୍ଷୟ କୁମାର, ରଣବୀର ସିଂ, ଟାଇଗର ଶ୍ରଫ, କରୀନା କପୁର, ଦୀପିକା ପାଦୁକୋନ୍, ଅର୍ଜୁନ କପୁର ଏବଂ ଜ୍ୟାକି ଶ୍ରଫ ପ୍ରମୁଖ ଅଭିନୟ କରିଛନ୍ତି।



କରୀନା

# ବାପାଙ୍କ ଓଠରେ ଥିଲା ପରିତୃପ୍ତିର ହସ

ପ୍ରଥମ ରୋଜଗାର



ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ **ଧନଞ୍ଜୟ ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

୧୯୯୦ ମସିହାର କଥା । ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଲା ପରେ ଅବିଭକ୍ତ କୋରାପୁଟ ଜିଲାରେ ପ୍ରଶିକ୍ଷଣ ନେବା ପାଇଁ ସଚିବାଳୟରୁ ଡାକରା ଆସିଲା । ମୁଁ ଆଗରୁ କୋରାପୁଟ ଦେଖି ନଥାଏ । ମୋର ଯାହା ମନେ ପଡୁଛି ମେ' ମାସ ୨୩ ତାରିଖର ଏକ ମନୋରମ ସକାଳେ କାର୍ଯ୍ୟକ୍ଷେତ୍ରରେ ଯୋଗଦେଲି । ମୋ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଥିବା ସେ ସ୍ଥାନରେ ପ୍ରଥମ କେତେ ମାସ ଅଣନିଃଶ୍ୱାସୀ ଅନୁଭବ କଲି । କାରଣ ସେଠାକାର ଜଳବାୟୁ, ପାଣିପାଗ, ଚାଲିଚଳଣ, ଭାଷା, ସଂସ୍କୃତି, ପରମ୍ପରା ସହିତ ମୁଁ ସମ୍ପୂର୍ଣ୍ଣ ଅଜ୍ଞ ଥିଲି । ତଥାପି ସେହି ଜିଲାରେ ଦୀର୍ଘ ୧୨ ବର୍ଷ କାଳ ରହି ବିଭିନ୍ନ ପଦପଦବୀ ଯଥା ଅତିରିକ୍ତ ତହସିଲଦାର, ତହସିଲଦାର, ବିଡ଼ିଓ ପଦବୀରେ ଏହାର ବିଭିନ୍ନ ଅଗମ୍ୟ ଅଞ୍ଚଳ ବୁଲି ଅନେକ ଅଭିଜ୍ଞତା ସାଉଁଟିଥିଲି । କାହିଁ ଗୁଣୁପୁରର କେଉଁ ଅଖ୍ୟାତ ସଉରାପଲ୍ଲୀ ହେଉ ତ କାହିଁ ମାଲକାନଗିରିର ବଣ୍ଡା ଜନଜାତିଙ୍କ ଗାଁ ମୁଦୁଲିପଡ଼ା ହେଉ ଅବା ଉମରକୋଟର ବଙ୍ଗୀୟ ଶରଣାର୍ଥୀଙ୍କ ଗାଁ ସିଲାଟି, ଶଙ୍କରଡ଼ା ହେଉ ସବୁଆଡ଼େ ବୁଲିବାର ସୁଯୋଗ ପାଇଥିଲି । ମାଲକାନଗିରିରେ ଅବସ୍ଥାନ କାଳରେ ତା'ର ଶ୍ୟାମଳ ସବୁଜ ରୂପରେ ଆତ୍ମହରା ହେଉଥିଲି ତ କେତେବେଳେ ଭାଲୁ ଓ ବାଘର ପାହୁଲ ଦେଖି ସଙ୍କିତ ହୋଇଯାଉଥିଲି । ପୁଣି କେତେବେଳେ ପାହାଡ ଢାଲୁରେ ଅଳସି କ୍ଷେତର ସୁନାଖରାକୁ ଦେଖି ମୋହିତ ହେଉଥିଲି । ଏଠାକାର ଝରଣା, କାଠହଣା ଚଢେଇର ଗୀତ, ଆଦିବାସୀ କିଶୋରୀର ଫାଳିକିଆ ଖୋସା, ଧୁଙ୍ଗିଆ କ୍ଷେତର ଶୀତ ଇତ୍ୟାଦି ମୋ କବିତ୍ୱକୁ ପ୍ରଭାବିତ କରୁଥିଲା । ଜିଲା କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗ, ବ୍ଲକ, ତହସିଲ କାର୍ଯ୍ୟାଳୟ ଇତ୍ୟାଦିରେ ତାଲିମ ନେବାର ଦେଢମାସ ଅତିବାହିତ ହେଲା ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ନିଜାରତ ସେକ୍ସନରୁ ଦରମା ପାଇଲି, ତା'ପୁଣି ବର୍ଦ୍ଧିତ ହାରରେ । ମୋର ଯାହା ମନେଅଛି, ୧୯୯୦ ମସିହାରେ ଜଣେ ଓ.ଏ.ଏସ୍ ଅଧିକାରୀ ସର୍ବାଧିକ ପ୍ରାୟ ୧୩୨୫ ଟଙ୍କା ମାସିକ ଦରମା ପାଉଥିଲେ । କିନ୍ତୁ ମୁଁ ଆରମ୍ଭକାଳରୁ ହିଁ ବର୍ଦ୍ଧିତ ହାରରେ ମାସିକ ପ୍ରାୟ ୨୦୦୦ ଟଙ୍କା ପାଉଥିଲି । ମୋ ଅନୁଭବରେ ସେତେବେଳେ ଏହି ଟଙ୍କା ଯେତିକି ଖୁସି ଦେଇଥିଲା ତାହା ତୁଳନାରେ ଏବେର ଦୁଇ ଲକ୍ଷ ଟଙ୍କାର ଖୁସି ବି କମ୍ ପଡିଯିବ । କାରଣ ଗୋଟିଏ ଯୌଥ ପରିବାର ଭିତରେ ମୁଁ ବଡ଼ ହୋଇଥିଲି । ପାଞ୍ଚ ପାଞ୍ଚ ଜଣ ପିଲାଙ୍କୁ କଲେଜ ଶିକ୍ଷା ଦେଇ, ମତେ ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ପଠେଇବା ସହ ପରିବାରର ସମସ୍ତ ଦାୟିତ୍ୱ ତୁଲାଇବାରେ ବାପାଙ୍କୁ ଯେ କେତେ କଷ୍ଟ କରିବାକୁ ପଡୁଥିଲା ତାହା ମୁଁ ଅନୁଭବ କରିଥିଲି । ତେଣୁ ଯେତେବେଳେ ପ୍ରଥମ ଦରମା ପାଇଲି, ସବୁଯାକ ଟଙ୍କା ନେଇ ବାପାଙ୍କ ହାତରେ ଦେଇ ଦେବାକୁ ମନେମନେ ଚିନ୍ତା କଲି । କାଳେ ସିଏ ଗ୍ରହଣ ନ କରିବେ, ସେଥିପାଇଁ ଡରୁ ବି ଥିଲି । ଅତି ସନ୍ତର୍ପଣରେ ବାପାଙ୍କ ହାତକୁ ଦରମା ଟଙ୍କା ବଢାଇଦେଲା ବେଳେ ତାଙ୍କ ମୁହଁରେ ଯେଉଁ ସ୍ମିତ ଔଜଲ୍ୟ ଦେଖିଥିଲି, ତାହା ମୋ ଆଖିରେ ଲୁହ ଆଣି ଦେଇଥିଲା । କାରଣ ବାପାଙ୍କର ସେଦିନର ହସ ଥିଲା ଏକ ପୂର୍ଣ୍ଣତାର ହସ, ଏକ ପରିତୃପ୍ତିର ହସ ; ଯାହା ମୋ ସ୍ମୃତି ପଟରେ ସବୁଦିନ ପାଇଁ ଅଭୁଲା ହୋଇ ରହିଛି ଓ ରହିବ । ଦୁଃଖ କେବଳ ଏତିକି, ଏବେ ବାପା ଆଉ ମୋ ପାଖରେ ନାହାନ୍ତି । ସେ ଏବେ ଦୂର ଆକାଶର ତାରା । ହେଲେ ତାଙ୍କ ଆଶୀର୍ବାଦ ଯୋଗୁ କର୍ମକ୍ଷେତ୍ର ସହିତ ସାହିତ୍ୟ ଜଗତରେ ବି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଗଢିପାରିଛି । ଯା'ଭିତରେ ମୋ ଲିଖିତ ପ୍ରାୟ ୧୨ଟି କବିତା ସଂକଳନ ପ୍ରକାଶିତ ହୋଇସାରିଛି । ଯେମିତିକି 'ଗାଁ ଗୀତ', 'କୁରେଇ ଫୁଲର ଖୋସା', 'ମିଠା ଜହ୍ନରାତି', 'ଚଇତି ଚିଠି' ଇତ୍ୟାଦି ଅନ୍ୟତମ । ଏହାବାଦ୍ ମୋ ଲିଖିତ ଅନେକ ଶିଶୁ କବିତା ଓ ସ୍ତମ୍ଭ ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକାଦୃତ ହୋଇପାରିଛି ।

# ଚାହାଣୀରୁ ଝରେ ପ୍ରେମ କାହାଣୀ, କେବେ ଧରା ଦେବ ସୁନା ହରିଣୀ



ସାଥୀ

**ପ୍ରଶ୍ନ:** ଜଣେ ସୁନ୍ଦରୀ ଝିଅ ମୋତେ ସବୁବେଳେ ଲାଜେଇ ଲାଜେଇ ଚାହୁଁଛି । ତାକୁ ଦେଖିବା ପରେ ମୋ ମନରେ ପ୍ରେମର ଜୁଆର ସୃଷ୍ଟି ହେଲାଣି । ସେହି ସୁନ୍ଦରୀ ଯଦି ମୋ ପ୍ରେମ ଫାସରେ ଧରା ଦିଅନ୍ତା ତେବେ ଭଲ ହୁଅନ୍ତା । ଏଥିପାଇଁ କ'ଣ କରିବି ଜାଣିପାରୁନାହିଁ ।

*–ବିନୀତ କୁମାର, କେନ୍ଦ୍ରାପଡା*

**ଉତ୍ତର:** ସୁନ୍ଦରୀର ଲାଜୁଆ ସହ ଆପଣଙ୍କୁ ଘାଇଲା କରିସାରିଲାଣି । କିନ୍ତୁ କଥାଟି ଦୁଇ ପଟରେ ଅଧା ବାଟରେ ଅଟକି ରହିଛି । ଦେଖାଚାହାଁରେ ପ୍ରେମ ସୃଷ୍ଟି ହେବାର ନଜୀର ତ ରହିଛି । ହେଲେ ତାକୁ ନେଇ ଆଗେଇବାର ଅଛି । ଏମିତି ଭାବନା ରାଇଜରେ ବୁଡିଗଲେ କ'ଣ ହେବ ? 'ଚାହାଣୀରୁ ଝରେ ପ୍ରେମ କାହାଣୀ, କେବେ ଧରା ଦେବ ସୁନା ହରିଣୀ ।' ତେଣୁ ସମୟ ସୁବିଧା ଦେଖି ଆପଣଙ୍କ ମନର କଥା ତାଙ୍କୁ କୁହନ୍ତୁ । ଯଦି ଆପଣଙ୍କ କଥା ସେହି ସୁନ୍ଦରୀଙ୍କ ମନକୁ ଭେଦି ପାରିଲା, ହୁଏତ କିଛି ଫାଇଦା ମିଳିପାରେ । ନ ହେଲେ କଥାଟି ମରିଚିକା ପଛରେ ଗୋଡାଇବା ପରି ହେବ, ନା କ'ଣ କହୁଛନ୍ତି !

**ପ୍ରଶ୍ନ:** ମୋ ପ୍ରେମିକା ମୋତେ କଥା ଦେଇ ଯାଇଛି ଯେ, ସେ ଶୀଘ୍ର ଫେରି ଆସିବ । ହେଲେ ସେ ଫେରୁନି କାହିଁକି ? ସେ ମୋତେ ଧୋକା ଦେଇ ଚାଲି ଗଲାନି ତ ?

*–ଅଜୟ କୁମାର ସାହୁ, ରାଉରକେଲା*

**ଉତ୍ତର:** ଆପଣଙ୍କୁ କଥା ଦେଇ ଯିବା ପୂର୍ବରୁ ଦୁହିଁଙ୍କ ଭିତରେ ଏହି ପ୍ରେମ କେତେ ଗାଢ଼ ଥିଲା ତାହା କେବେ ଅନୁମାନ କରିଛନ୍ତି? ନା, ଏମିତି ଦେଖାଚାହାଁରେ ଅଢ଼େଇ ଦିନିଆ ପ୍ରେମକୁ ନେଇ ଆପଣ ଅନେକ ସ୍ୱପ୍ନ ଦେଖି ଚାଲିଛନ୍ତି । ଯଦି ଆପଣ ସେହି ସୁନ୍ଦରୀ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ତେବେ ହୁଏତ ଆପଣଙ୍କ ପ୍ରେମ ଆଗକୁ ଆଗେଇ ପାରେ । ନ ହେଲେ ଭସା ବାଦଲ ପରି ତାହା କୁଆଡେ ଉଭେଇ ଯିବ ତାହା ନିଜେ ବି କଳ୍ପନା କରିପାରିବେ ନାହିଁ ।

**ପ୍ରଶ୍ନ:** ଥରେ ଟ୍ରେନ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା । ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି । ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ । ଏବେ କ'ଣ କରିବି ଜାଣିପାରୁନି ।

*–ସୁଜିତ, କଟକ*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ ରହିଛି । ତେଣୁ ଦେଖିଚାହିଁ ପାଦ ପକାନ୍ତୁ । ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର । ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନସନର କାରଣ ହୋଇ ଠିଆ ହେବ । ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ । କାହା ପରାମର୍ଶରେ ଆଗେଇଲେ ହୁଏତ ଅସୁବିଧା ସୃଷ୍ଟି ହୋଇପାରେ । ତେଣୁ ଭାବିଚିନ୍ତି ଏପରି ନିଷ୍ପତ୍ତି ନିଅନ୍ତୁ ଯେମିତି କି ଆପଣଙ୍କ ମନରେ ଖୁସିର ଲହରି ଖେଳିଯିବ ।

**ପ୍ରଶ୍ନ:** ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି । ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ । ସେ କ'ଣ ମୋତେ ଭଲ ପାଉଛି ?

*–ପ୍ରତାପ ଦେବତା, ନୂଆପଡା*

**ଉତ୍ତର:** ଯେଉଁ ଝିଅକୁ ଏତେଥର 'ଆଇ ଲଭ୍ ୟୁ' କହି ସାରିଲେଣି, ତାହାର ହାବଭାବ ତ ଲକ୍ଷ୍ୟ କରିଥିବେ । ତାହାର ଚୋରା ଚାହାଣୀ ଆଉ ହସରେ ଅନେକ କଥା ଲୁଚି ରହିଥାଏ । ତାହାକୁ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ବାସ୍ନା ଆସିଲା, ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ । ନ ହେଲେ ଆଉ କେହି ହୁଏତ ଏହାର ଫାଇଦା ନେଇଯାଇପାରେ । ତେଣୁ ଶୁଭସ୍ୟ ଶିଘ୍ରମ, ନା କ'ଣ କହୁଛନ୍ତି !


**ପ୍ରଶ୍ନ:** ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି । ତାକୁ ପ୍ରେମ କରିବା ଠିକ ହେବ କି ?

*–ତପନ କୁମାର ଦାସ, ଆନନ୍ଦପୁର*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍‌କା ଭାବରେ ନେଇଥାଆନ୍ତି । ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ । ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା । ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ ।



# ଏକ ନଷ୍ଟଝିଅର କାହାଣୀ



**ପ୍ରଦୀପ କୁମାର ରାୟ**

"ବଙ୍ଗାଳୀ ଘରର ଝିଅ ହୋଇ ହୋଟେଲ୍‌ରେ ନାଚିବ ?" – ପ୍ରଶ୍ନ କରିଥିଲେ ପୋଲିସ ଅଫିସର ତାକୁ ।
"କାହିଁକି, ଆପଣ କ'ଣ ମୋତେ ଖାଇବାକୁ ଦେବେ ? ରଖିବେ ମୋତେ ଆପଣଙ୍କ ଘରେ ? ଚାକରାଣୀ ହୋଇ କିନ୍ତୁ ରହିବି ନାହିଁ, ଝିଅ କରି ରଖିବାକୁ ହେବ । ତାହାହେଲେ ମୁଁ ହୋଟେଲ୍‌ରେ ନାଚିବି ନାହିଁ ।"
"ବାର ବର୍ଷର ଗୋଟିଏ ଝିଅ ବାର୍ ଡ୍ୟାନ୍‌ସରର ଲାଇସେନ୍ସ ନେବା ପାଇଁ ଯାଇଥିଲା କୋଲକାତା ପୋଲିସର ସଦର ଦପ୍ତରକୁ । ସେଠାରେ ହିଁ ଉପରୋକ୍ତ କଥୋପକଥନ । ଯେଉଁ ବୟସରେ ଝିଅମାନେ ଦୁଇଟି ବେଣୀ ଝୁଲାଇ ସ୍କୁଲ ଯାଆନ୍ତି, ପୁଚି ଖେଳନ୍ତି, ଏକ୍କା ଦୁକ୍କା ଖେଳନ୍ତି କିମ୍ବା କଣ୍ଢେଇ ଖେଳନ୍ତି, ସେହି ବୟସରେ ଝିଅଟିଏ ହୋଟେଲ୍‌ରେ ନାଚିବାକୁ ଚାହୁଁଛି! ଆଉ ଉପାୟ କ'ଣ ଅଛି ତା'ର, ପେଟର ଭୋକ ଯେ ଅସହ୍ୟ !



୧୯୪୭ ମସିହା । ଭାଗ ହୋଇଗଲା ଗୋଟିଏ ଦେଶ । ଆଉ ତା' ସହିତ ଭାଗ ହୋଇଗଲା ଦୁଇଟି ପ୍ରଦେଶ, ବଙ୍ଗ ଓ ପଞ୍ଜାବ । ହଜାର ହଜାର ବର୍ଷ ଧରି ଏକତ୍ର ସହାବସ୍ଥାନ, ଗୋଟିଏ ଭାଷାରେ କଥାବାର୍ତ୍ତା କରିବା ଲୋକମାନେ ଦେଖିବାକୁ ପାଇଲେ ଦୁଇଟି ଅଲଗା ଦେଶ, ମଝିରେ କଣ୍ଟାତାର ବାଡ଼ । ଆରମ୍ଭ ହୋଇଗଲା ବିଶ୍ୱ ଇତିହାସର ସବୁଠାରୁ ବଡ଼ ମହାନିଷ୍କ୍ରମଣ । ଦିନେ ଯେଉଁମାନେ ବର୍ଷାଭିଜା ଗହଳ ସବୁଜ ଗଛପତ୍ରଘେରା କୁଡ଼ିଆରେ ଶାନ୍ତିରେ ବସବାସ କରୁଥିଲେ, ହଠାତ୍ ସେମାନଙ୍କର ଠିକଣା ହେଲା ରେଳ ପ୍ଲାଟ୍‌ଫର୍ମ କିମ୍ବା ଅସ୍ୱାସ୍ଥ୍ୟକର ବସ୍ତି ଅଞ୍ଚଳ । ରାତାରାତି ସେମାନଙ୍କର ପରିଚୟ ହେଲା ରିଫ୍ୟୁଜି, ଶରଣାର୍ଥୀ ।

ଝିଅଟିର ନାମ **ଆରତୀ ଦାସ** । ଜନ୍ମ ପୂର୍ବବଙ୍ଗର ନାରାୟଣଗଞ୍ଜରେ । ସେଠାରୁ ଯେତେବେଳେ ମା'ବାପାଙ୍କ ହାତଧରି କୋଲକାତା ଆସେ, ସେତେବେଳେ ତା'ର ବୟସ ଏକ ବର୍ଷ ମଧ୍ୟ ହୋଇନଥିଲା । ପ୍ରଥମେ ଶିଆଲ୍‌ଦା ଷ୍ଟେଶନରେ, ତା'ପରେ ଧରାଧରି କରି ଆହିରିଟୋଲା ବସ୍ତିରେ ମୁଣ୍ଡ ଗୁଞ୍ଜିବାକୁ କୁଡ଼ିଆ ଖଣ୍ଡେ ଯୋଗାଡ଼ ହୋଇଥିଲା । ଯାହାକିଛି ସୁନା ରୁପା ନେଇ ଆସିବାକୁ ସକ୍ଷମ ହୋଇଥିଲେ ସେତକ ବିକ୍ରି କରି କିଛିଦିନ ଚଳିଲେ । ତା'ପରେ... ? ମା' ଲୋକମାନଙ୍କ ଘରେ ଏବଂ ବାପା ଗୋଟିଏ ଦୋକାନରେ କାମ କଲେ । ଉଭୟେ ଯାହା ଉପାର୍ଜନ କରନ୍ତି, ସେତକରେ ପାଞ୍ଚ ପାଞ୍ଚଟି ପେଟ ପୂରେ ନାହିଁ । ଏଭଳି ଚରମ ଦାରିଦ୍ର୍ୟ ବିରୋଧରେ ବିଦ୍ରୋହ କରି ଆରତୀ ଘର ଛାଡ଼ି ବାହାରି ପଡ଼ିଲା । ଦୁଇଦିନ ବୁଲାବୁଲି କରିବା ପରେ ଗୋଟିଏ ଆଂଗ୍ଲୋ ଇଣ୍ଡିଆନ୍ ପରିବାରରେ ଚାକରାଣୀର କାମ ଯୋଗାଡ଼ କରିବାକୁ ସକ୍ଷମ ହେଲା । ବୟସ ସେତେବେଳେ ତା'ର ମାତ୍ର ଏଗାର ।

ସେହି ଆଂଗ୍ଲୋ ଇଣ୍ଡିଆନ୍ ପରିବାରରେ ପ୍ରତିଦିନ ସନ୍ଧ୍ୟାରେ ରେକର୍ଡ ପ୍ଲେୟାର ଲଗାଇ ନାଚଗୀତର ଆସର ଜମୁଥିଲା । ପାଖ କୋଠରିର ପର୍ଦ୍ଦା ଆଢୁଆଳରେ ଥାଇ ଆରତୀ ଦେଖୁଥିଲା, ସେମାନଙ୍କର ନାଚ । ନକଲ କରିବାର ଚେଷ୍ଟା କରୁଥିଲା । ସେହି ଘରକୁ ନିୟମିତ ଆସୁଥିଲେ ଭିଭିୟେନ ହ୍ୟାନ୍‌ସେନ, ପାର୍କଷ୍ଟ୍ରିଟ୍ 'ମୋକାମ୍ବୋ ରେସ୍ତୋରାଁ'ର ଗାୟକ । ଦିନେ ପର୍ଦ୍ଦା ଆଢୁଆଳରେ ନାଚୁଥିବା ଆରତୀକୁ ଦେଖିପାରିଲେ ହ୍ୟାନ୍‌ସେନ । ଆରତୀକୁ ନେଇ ସେ ଚୌରଙ୍ଗୀର 'ଫାରପୋଜ' ହୋଟେଲକୁ ଗଲେ । ହ୍ୟାନ୍‌ସେନଙ୍କ ସୁପାରିସରେ ମାସକୁ ସାତଶହ ଟଙ୍କା ଦରମାରେ କାମ ପାଇଲା ଆରତୀ । ସେତେବେଳେ କୋଲକାତାର ହୋଟେଲଗୁଡ଼ିକରେ ବାର୍ ଡ୍ୟାନ୍‌ସରର ଘୋର ଅଭାବ । ବହୁତ ଚେଷ୍ଟା କରି ଆରତୀ ପାଇଥିଲା ବାର୍ ଡ୍ୟାନ୍‌ସର ହେବାର ଲାଇସେନ୍ସ । ଦର୍ଶକଙ୍କ ସାମ୍ନାକୁ ଆସିବା ପୂର୍ବରୁ ଦୀର୍ଘ ପ୍ରଶିକ୍ଷଣ ନେବାକୁ ପଡ଼ିଥିଲା ।

ନାଚିବା ପାଇଁ ହୋଟେଲ୍ ତରଫରୁ ତାକୁ ଯେଉଁ ପୋଷାକ ପିନ୍ଧିବାକୁ କୁହାଯାଉଥିଲା, ପ୍ରଥମେ ପ୍ରଥମେ ସେହି ପୋଷାକ ଦେଖି ଭୀଷଣ କାନ୍ଦୁଥିଲା ଆରତୀ । ଏତେ ନିରାଭରଣ ହୋଇ ତାକୁ ଆସିବାକୁ ହେବ ରାତିର ଆସରକୁ... !

ଧୀରେ ଧୀରେ ସେହି ଲାଜ ସରମ ତ୍ୟାଗ କରିବାକୁ ପଡ଼ିଲା, ମନ ଲଗାଇ ଦେଲା ଅନୁଶୀଳନରେ । ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଦିନେ ଶରଣାର୍ଥୀ ରିଫ୍ୟୁଜି, ବାସ୍ତୁହରା ଆରତୀ ଦାସର ପାଦରେ ଉଠି ଆସିଲା କ୍ୟାନ କ୍ୟାନ, ଚାର୍ଲସଟନ, ଟୁଇଷ୍ଟ, ହାଓୟାଇୟାନ ହୁଲୋ ଏବଂ ବେଲି ଡ୍ୟାନ୍ସ । ହୋଟେଲ ତରଫରୁ ଆରତୀର ନୂତନ ନାମକରଣ କରାଗଲା– **ମିସ୍ ଶେଫାଳୀ** । ଚକ୍‌ମକ୍ ଆଲୁଅ ଝଲସୁଥିବା ରାତିରେ ଧୀରେ ଧୀରେ ହଜିଗଲା ନାରାୟଣଗଞ୍ଜରେ ଜନ୍ମଗ୍ରହଣ କରିଥିବା ଗାଉଁଲି ଝିଅ ଆରତୀ । ଆଉ ପଛକୁ ଫେରିନଥିଲା ଆରତୀ । ଫିର୍‌ପୋଜ ହୋଟେଲରୁ ଓବରୟ, ଗ୍ରାଣ୍ଡ ପ୍ରଭୃତି ତାରକା ହୋଟଲଗୁଡ଼ିକରେ ସତର ବର୍ଷ ଧରି ପ୍ରତି ରାତିରେ ନାଚିଛି, ଆନନ୍ଦ ଯୋଗାଇଛି ପୁରୁଷମାନଙ୍କର ପିପାସୁ ଦୃଷ୍ଟିକୁ । ରାତିର କୋଲକାତା ସେତେବେଳେ ସମ୍ମୋହିତ ତା' ନାମରେ । ତାରି ଭିତରେ ଆସିଲା ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟଙ୍କ ସିନେମାରେ କାମ କରିବାର ସୁଯୋଗ । ପ୍ରତିଦ୍ୱନ୍ଦ୍ୱୀ ଓ ସୀମାବଦ୍ଧ ସିନେମାରେ ଅଭିନୟର ଅଭିଜ୍ଞତା ଏବଂ ତାହା ସହିତ ଅନେକ ନାଟକରେ ଅଭିନୟ କରିବାର ସୁଯୋଗ । ପ୍ରତାପ ମଞ୍ଚରେ 'ବାରବଧୂ' ନାଟକରେ ଶେଫାଳୀର ଜୀବନ୍ତ ଅଭିନୟ ମୁଗ୍ଧକଲା ଦର୍ଶକଙ୍କୁ ଏବଂ ହଜାରେ ରଜନୀରୁ ଅଧିକ କାଳ ଅଭିନୀତ ହୋଇଥିବା ନାଟକର ବିରଳ ରେକର୍ଡ଼ ଅଧିକାର କଲା ବାରବଧୂ ନାଟକ କେବଳ ଶେଫାଳୀଙ୍କ ପାଇଁ ।

ଅର୍ଥ ଓ ସଫଳତା ସବୁକିଛି ପାଇଥିଲେ ମଧ୍ୟ ଆରତୀ ଓରଫ ମିସ୍ ଶେଫାଳୀ ପାଇନଥିଲେ ସାମାଜିକ ସ୍ୱୀକୃତି କିମ୍ବା ସାଧାରଣ ନାରୀର ମର୍ଯ୍ୟାଦା । ବିନୋଦନ ଜଗତର ଜଣେ ବିଖ୍ୟାତ ବ୍ୟକ୍ତି ଆସିଥିଲେ ଜୀବନରେ, କିନ୍ତୁ ଅନ୍ୟ ପୁରୁଷଙ୍କ ପରି ଆରତୀ ତାଙ୍କ ଆଖିରେ ବି କେବଳ ଦେଖିଥିଲେ ଲାମ୍ପଟ୍ୟ । ବାର୍ ଡ୍ୟାନ୍‌ସର ବୋଲି ସେ ଶିଳ୍ପୀର ମର୍ଯ୍ୟାଦା ତ ପାଇନଥିଲେ, ତା' ସହିତ ଅନ୍ୟମାନଙ୍କ ଆଖିରେ ଉପେକ୍ଷା ଓ ଘୃଣା ବି ସେ ସ୍ପଷ୍ଟ ଦେଖି ପାରୁଥିଲେ । ତାଙ୍କର ଆତ୍ମଜୀବନୀ 'ସନ୍ଧ୍ୟା ରାତେର ଶେଫାଳୀ'ରେ ସେ ଅକପଟ ଭାବରେ ସବୁକିଛି ଲେଖି ଯାଇଛନ୍ତି । ସେ ଲେଖିଛନ୍ତି– "ହୋଟେଲ ଏବଂ ନାଇଟ୍ କ୍ଲବରେ ମୁଁ ନାଚେ ବୋଲି କ'ଣ ମୁଁ ଖରାପ ଝିଅ ହୋଇଗଲି ? ପୂର୍ବ ବଙ୍ଗରୁ ଏକବସ୍ତ୍ରରେ ଚାଲି ଆସିଥିବା ଗୋଟିଏ ରିଫ୍ୟୁଜି ପରିବାରର ଝିଅ, ଯାହାକୁ ଦୁଇଓଳି ପେଟପୂରା ଖାଇବାକୁ ମିଳୁନଥିଲା, ସିଏ ଯଦି ନିଜ ଚେଷ୍ଟାରେ, କଷ୍ଟ କରି, ପରିଶ୍ରମ କରି ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ଅର୍ଜନ କରିଛି– ସେକଥା କାହାକୁ ଦେଖାଗଲା ନାହିଁ । ଗୋଟିଏ ଝିଅର ଜୀବନ ଜିଇବାର ଲଢ଼େଇରେ ସେ କେତେ କ୍ଷତାକ୍ତ ହୋଇଛି, ତା'ର ଅନ୍ତରର ରକ୍ତସ୍ରାବ କେତେ ଯନ୍ତ୍ରଣାଦାୟକ, ତାହା କାହାକୁ ଦେଖାଗଲା ନାହିଁ । ଏପରିକି ସିନେମା ଜଗତରେ ଯେଉଁମାନେ ବାମପନ୍ଥୀ ବୋଲି ପରିଚିତ, ସେମାନେ ମଧ୍ୟ କେହି ମୋର ଲଢ଼େଇ ଏବଂ ତା'ର ଯନ୍ତ୍ରଣା ଦେଖିପାରିଲେ ନାହିଁ ।



ଘର ସଂସାର ପରି ଶିଳ୍ପୀ ପରିଚୟ ମଧ୍ୟ ଅପହଞ୍ଚ ହୋଇ ରହିଗଲା ଆରତୀଙ୍କ ପାଇଁ । ଆରତୀ ଦାସ ନୃତ୍ୟଶିଳ୍ପୀ ନୁହନ୍ତି, ଅଭିନେତ୍ରୀ ମଧ୍ୟ ନୁହନ୍ତି । ସେ କେବଳ ମଦିରା ଆସରର ମିସ୍ ଶେଫାଳୀ ହୋଇ ରହି ଯାଇଛନ୍ତି । ପରିଚୟ ପାଇଁ ଆଦୌ ଦୁଃଖିନୀ ନ ଥିଲେ ଆରତୀ, ଦୁଃଖିନୀ ଥିଲେ ସ୍ୱୀକୃତି ପାଇନଥିବାରୁ । ଛାତିରେ ଛାତିଏ ଅଭିମାନ ନେଇ ଚାଲିଗଲେ ତାରାମାନଙ୍କର ଜଗତକୁ, ଯେଉଁଠାରେ କୌଣସି ସାମାଜିକ ସ୍ୱୀକୃତିର ଆବଶ୍ୟକତା ହୁଏ ନାହିଁ ।

–ଭୁବନେଶ୍ୱର

ମୋ:୯୪୩୭୫୩୪୭୭୩




## ହାଃ ହାଃ

### ହଜିଗଲେ

ସ୍ତ୍ରୀ: ଯଦି ମୁଁ ହଜିଯିବି ତମେ କ'ଣ କରିବ ?
ସ୍ୱାମୀ: ଖବରକାଗଜରେ ବିଜ୍ଞାପନ ଦେବି।
ସ୍ତ୍ରୀ: ସତରେ ତମେ ମତେ ଏତେ ଭଲ ପାଅ ! ହେଲେ ବିଜ୍ଞାପନରେ କ'ଣ ଲେଖିବ ?
ସ୍ୱାମୀ: 'ଯାହାକୁ ମିଳିବ ସେ ତା'ର।

### କାମବାଲୀ

ସ୍ତ୍ରୀ: ମୁଁ ଦିନ ତମାମ କାମ କରି କରି ଥକି ଯାଉଛି।
ସ୍ୱାମୀ: ଗୋଟେ କାମବାଲୀ ରଖିଦେବା।
ସ୍ତ୍ରୀ: ନା, ଦରକାର ନାହିଁ।
ସ୍ୱାମୀ: କାହିଁକି ?
ସ୍ତ୍ରୀ: ମୁଁ ତୁମ ରସିକିଆ ଗୁଣକୁ ଭଲଭାବେ ଜାଣିଛି। ତମେ ଭୁଲିଯାଉଛ ବୋଧେ ମୁଁ ଏଇ ଘରେ କାମବାଲୀ ଥିଲି।

### ବୋହୂ ନୁହଁ ଝିଅ

ବିବାହ ପରର ପ୍ରଥମ ଦିନରେ ଶାଶୁ ବୋହୂକୁ- ଆଜିଠାରୁ ଏଇ ଘର ତୋ'ର। ତୁ ମୋ ବୋହୂ ନୁହେଁ ଝିଅ। ଆଉ ମୁଁ ଶାଶୁ ନୁହେଁ ମା'।
ବୋହୂ- ହଉ ମା'। ତାହେଲେ ମୁଁ ଆଉ କିଛି ସମୟ ଶୋଇପଡୁଛି। ମାତ୍ର ୭ଟା ହେଇଛି, ୧୦-୧୧ଟା ହେଲେ ଉଠେଇ ଦେବେ। ଆଉ ପ୍ଲିଜ୍ ଚା'ନେଇକି ଆସିଥିବେ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ବାନ୍ଧବଗାଡ଼ ଜାତୀୟ ଉଦ୍ୟାନ





**ମଧ୍ୟପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ବାନ୍ଧବଗଡ଼ ଜାତୀୟ ଉଦ୍ୟାନ। ମୁଖ୍ୟତଃ ବାଘଙ୍କ ସୁରକ୍ଷା ପ୍ରତି ଏଠାରେ ବିଶେଷ ଧ୍ୟାନ ଦିଆଯାଇଥାଏ। କେବଳ ବାଘ କାହିଁକି ଅନ୍ୟ କେତେକ ବିରଳ ପଶୁପକ୍ଷୀଙ୍କୁ ବି ଏଠାରେ ବେଶ୍ ଯତ୍ନରେ ରଖାଯାଇଥାଏ...**

ମଧ୍ୟପ୍ରଦେଶର ଉମାରିଆ ଜିଲା ଅନ୍ତର୍ଗତ ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ବାନ୍ଧବଗଡ଼ ଜାତୀୟ ଉଦ୍ୟାନର ରହିଛି ଅନେକ ଖ୍ୟାତି। ମାତ୍ର ୧୦୫ ବର୍ଗ କି.ମି ପରିସୀମା ବ୍ୟାପ୍ତ ଅଞ୍ଚଳକୁ ନେଇ ଗଢି ଉଠିଥିବା ଏହି ଅଭୟାରଣ୍ୟର ପରିସୀମା ଧୀରେ ଧୀରେ ବର୍ଦ୍ଧିତ ହୋଇ ବର୍ତ୍ତମାନ ପ୍ରାୟ ୭୧୬ ବର୍ଗ କି.ମିକୁ ଛୁଇଁଲାଣି। ଏଥିରୁ ଅନୁମାନ କରିହୁଏ ଯେ, ଏହି ଅଭୟାରଣ୍ୟରେ କେତେ ସଂଖ୍ୟାରେ ପଶୁପକ୍ଷୀ ରହୁଥିବେ। ମୁଖ୍ୟତଃ ବାଘମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏଠାରେ ପ୍ରଥମେ ଯୋଜନା କରାଯାଇଥିଲା। କ୍ରମେ ଅନ୍ୟ କେତେକ ବିରଳ ପଶୁପକ୍ଷୀଙ୍କୁ ବି ଏଠାରେ ସୁରକ୍ଷା ଦିଆଗଲା। ତେଣୁ ଏଠାକୁ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକ ଏଠାରେ ବାଘଙ୍କ ସମେତ ଅନ୍ୟାନ୍ୟ ବନ୍ୟ ଜୀବଜନ୍ତୁ ତଥା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ବି ଦେଖିପାରିବେ।




### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ଅଭୟାରଣ୍ୟଟି ୧୯୬୮ ମସିହାରେ ଏଠାରେ ଗଢିଉଠିଥିଲା। ଆଉ ସେହି ବର୍ଷ ହିଁ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୩ରେ ବିଶେଷକରି ବାଘଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଯାଇ ଏହାର କିଛି ଅଂଶକୁ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବେ ବ୍ୟବହାର କରାଗଲା। ତା'ସହିତ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ବି ଏଠାରେ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରାଯାଉଥିଲା ; ଯାହା ଏବେ ବି ଦିଆଯାଉଛି।



### କ'ଣ ଦେଖିବେ

ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ବହୁ ସଂଖ୍ୟାରେ ମହାବଳ ବାଘ ଦେଖାଯାଇଥାନ୍ତି। ତା'ସହିତ ପର୍ଯ୍ୟଟକ ଏଠାରେ ଚିତାବାଘ, ହାତୀ, ବନ୍ୟ ମଇଁଷି, ସମ୍ବର, ଗୟଳ, ନୀଳଗାଈ, ଗଧିଆ, ହେଟାବାଘ, ଜଙ୍ଗଲୀ ଘୁଷୁରି, ଭାଲୁ, ହରିଣ ଇତ୍ୟାଦି ପଶୁଙ୍କୁ ବି ଦେଖିପାରିବେ। ତା'ଛଡ଼ା ଶତାଧିକ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ଅନ୍ୟପକ୍ଷେ ଏହି ଅଭୟାରଣ୍ୟରେ ବହୁଳ ପରିମାଣରେ ବନସ୍ପତି ବୃକ୍ଷ ବି ରହିଛି। କହିବାକୁ ଗଲେ ପ୍ରକୃତିପ୍ରେମୀ ତଥା ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ।



### ସଫାରୀ ଓ ଫଟୋଗ୍ରାଫିର ମଜା ନିଆରା

ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ଦୁଇ ପ୍ରକାର ସଫାରୀର ଆନନ୍ଦ ନେଇପାରିବେ। ଗୋଟିଏ ହେଉଛି ଜିପ୍ ସଫାରୀ ଏବଂ ଅନ୍ୟଟି ହେଉଛି ହାତୀ ସଫାରି ଅର୍ଥାତ୍ ହାତୀ ପିଠିରେ ବସି ବୁଲିବା। ସଫାରୀର ମଜା ନେବା ସହ ପର୍ଯ୍ୟଟକ ଏଠାରେ ଫଟୋଗ୍ରାଫି ବି କରିପାରିବେ। କିନ୍ତୁ ଏଥିପାଇଁ ପୂର୍ବରୁ ଅନୁମତି ନେଇଯିବା ଭଲ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁସାରେ, ଏହି ଜାତୀୟ ଉଦ୍ୟାନକୁ ବୁଲିଯିବା ପାଇଁ ନଭେମ୍ବରରୁ ମେ' ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ମେ' ପରେ ଏଠାରେ ଧୀରେ ଧୀରେ ବର୍ଷା ହେବାକୁ ଆରମ୍ଭ କରିଥାଏ। ଯଦ୍ଦ୍ୱାରା ବର୍ଷାଦିନେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାକୁ ସୁବିଧା ହୁଏନି। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ବେଶ୍ ସୁବିଧା ରହିଛି। ପର୍ଯ୍ୟଟକମାନେ ନିଜ ସୁବିଧା ଅନୁଯାୟୀ ଯେକୌଣସି ମାଧ୍ୟମରେ ଯାଇ ଏଠାରେ ଖୁସିରେ ଭ୍ରମଣ କରିପାରିବେ।







# ନବଜାତ ଶିଶୁ କାନ୍ଦନ୍ତି କାହିଁକି



**ଅସହନୀୟ ପ୍ରସବ ଯନ୍ତ୍ରଣା ପରେ ମା' ଜନ୍ମଦିଏ ସନ୍ତାନକୁ। ଆଉ ଯେବେ ସେ ଶୁଣେ ଶିଶୁର ପ୍ରଥମ କୁଆଁ କୁଆଁ କାନ୍ଦ ତା' ମନରେ ଭରିଯାଏ ଅଫୁରନ୍ତ ଆନନ୍ଦ। ଭୁଲିଯାଏ ସେ ସବୁ କଷ୍ଟ ଯନ୍ତ୍ରଣାକୁ। ତେବେ ସବୁ ନବଜାତ ଶିଶୁ କାନ୍ଦନ୍ତି କାହିଁକି ସେକଥା କେବେ ଭାବିଛନ୍ତି? ଏମିତିକି ଯଦି ଶିଶୁ ନ କାନ୍ଦନ୍ତି, ଜବରଦସ୍ତ ପିଠିକୁ ଥାପୁଡ଼େଇ ଥାପୁଡ଼େଇ ଅବା ଗଳା ସଫାକରି କନ୍ଦାଯାଏ। ଆଉ ଏମିତି କାହିଁକି କରାଯାଏ ଜାଣନ୍ତୁ ସେ ସମ୍ପର୍କରେ...**


**ଶି**ଶୁ ଜନ୍ମ ହେଉ ହେଉ କାନ୍ଦିବା ତା'ର ଜୀବିତ ଓ ସୁସ୍ଥ ଥିବାର ସଙ୍କେତ ଦିଏ। ତେଣୁ ନବଜାତ ଶିଶୁ କାନ୍ଦିବା ନିହାତି ଜରୁରୀ। ଏହି କାନ୍ଦ ସେମାନଙ୍କର ସୁସ୍ଥତାକୁ ଦର୍ଶାଏ। ମା' ଗର୍ଭରେ ନଅ ମାସ ରହିବା ପରେ ଯେବେ ଶିଶୁ ବାହାରକୁ ଆସେ ନୂଆ ଏକ ପରିବେଶରେ ଶ୍ୱାସ ନେବା କଷ୍ଟକର ହୋଇଯାଏ। ତେଣୁ ସେ କାନ୍ଦେ। ବିଶେଷଜ୍ଞଙ୍କ ମତରେ ଶିଶୁ କାନ୍ଦିବା ଦ୍ୱାରା ସେମାନଙ୍କ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଠିକ୍‌ଭାବେ କାମ କରୁଛି ବୋଲି ଜଣାପଡ଼େ। କେତେଜଣ ବିଶେଷଜ୍ଞ କହନ୍ତି, ଶିଶୁ ଦିନକୁ ୨-୩ ଘଣ୍ଟା କାନ୍ଦିବା ଜରୁରୀ।

ଚିକିତ୍ସା ବିଜ୍ଞାନ ଅନୁସାରେ, ଯେତେବେଳେ ମା' ଗର୍ଭରେ ଶିଶୁ ଥାଏ, ସେ ଏକ ପ୍ୟାକେଟ ଭିତରେ ଥାଏ। ସେହି ପ୍ୟାକେଟ ଭିତରେ ଏକ ସ୍ୱତନ୍ତ୍ର ତରଳ ପଦାର୍ଥ ଥାଏ। ଗର୍ଭ ଭିତରେ ଶିଶୁର ଫୁସ୍‌ଫୁସ୍ ତ ତିଆରି ହୋଇଯାଇଥାଏ, ହେଲେ କାମ କରି ନ ଥାଏ। କାରଣ ସେତେବେଳେ ଜୀବିତ ରହିବା ଲାଗି ନାକ ଅବା ପାଟିରେ ଶ୍ୱାସକ୍ରିୟା କରିବାର ଆବଶ୍ୟକତା ନ ଥାଏ। ଫଳରେ ଏହି ଲିକ୍ୱିଡ୍ ଶିଶୁର ଫୁସ୍‌ଫୁସ୍‌କୁ ଚାଲିଯାଏ। ଯେବେ ଶିଶୁ ଜନ୍ମହୁଏ ଗର୍ଭରେ ତାକୁ ଜୀବିତ ରଖିଥିବା ଏହି ଲିକ୍ୱିଡ ଶିଶୁର ମୃତ୍ୟୁର କାରଣ ବି ହୋଇପାରେ।

ତେଣୁ ଶିଶୁ ଜନ୍ମ ହେଉହେଉ ଡାକ୍ତର ପିଲାର ଦୁଇ ଗୋଡ଼ ଧରି ଓଲଟା ଲଟକାଇ ଧରନ୍ତି। ଏଭଳି କରିବା ଦ୍ୱାରା ଫୁସ୍‌ଫୁସ୍‌ରେ ଜମିଥିବା ଲିକ୍ୱିଡ୍ ବାହାରିଯାଏ ଓ ଶିଶୁ ଶ୍ୱାସକ୍ରିୟ କରିବା ଆରମ୍ଭ କରି କାନ୍ଦିବା ଆରମ୍ଭ କରିଦିଏ। ଲିକ୍ୱିଡ ଫୁସ୍‌ଫୁସ୍‌ରୁ ବାହାରିଯିବା ପରେ ଫୁସ୍‌ଫୁସ୍ କାମ କରିବା ଆରମ୍ଭ କରିଥାଏ, ଯାହାକି ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କାମ କରିଚାଲେ। ଚିକିତ୍ସା ବିଜ୍ଞାନ ଅନୁସାରେ ଫୁସ୍‌ଫୁସ୍ କାମ କରିବା ଲାଗି କାନ୍ଦିବା ଜରୁରୀ। ଅର୍ଥାତ୍ ଯଦି ଶିଶୁ ଜନ୍ମ ପରେ ଜୋର୍‌ରେ କାନ୍ଦେ ତେବେ ଜଣାଯାଏ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ। ଆଉ ଯଦି ଶିଶୁ ଧୀର ସ୍ୱରରେ କାନ୍ଦେ ତାହା ଦର୍ଶାଏ ଯେ, ତା'ର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଥାଇପାରେ। ଏବେ ପ୍ରଶ୍ନ ଆସେ ଶିଶୁ ହସିଲେ ବି ତ ଫୁସ୍‌ଫୁସ୍ କାମ କରିବା ଆରମ୍ଭ କରିବ। ତେବେ ଶିଶୁ କାନ୍ଦେ କାହିଁକି ? ହସେନାହିଁ କାହିଁକି ? ଏହାର ଉତ୍ତର ଏଯାଏ ମେଡିକାଲ ସାଇନ୍ସ ପାଖରେ ନାହିଁ।

**ପୌରାଣିକ କଥାନୁସାରେ:** ଶିଶୁ ଜନ୍ମ ହେବା ପରେ ପରେ କାନ୍ଦିବା ପଛରେ ପୌରାଣିକ କଥା ବି ରହିଛି। ବିଷ୍ଣୁ ପୁରାଣରେ ଏହାର ଉତ୍ତର ଉଲ୍ଲେଖ ରହିଛି। ସୃଷ୍ଟିକର୍ତ୍ତା ବ୍ରହ୍ମା ମଣିଷକୁ ନିଜ ଭଳି ଗଢ଼ିଛନ୍ତି। ସେଥିପାଇଁ ମଣିଷକୁ ତାଙ୍କର ଅଂଶ ବୋଲି କୁହାଯାଏ। ଯେବେ ବ୍ରହ୍ମା ପ୍ରଥମ ମଣିଷ ତିଆରି କରିଥିଲେ ଓ ନିଜ କୋଳରେ ରଖି ଆତ୍ମାର ସ୍ଥାନାନ୍ତରଣ କଲେ, ମଣିଷ ଉଠୁ ଉଠୁ କହିଲା -ମୁଁ କେଉଁଠି ଅଛି ? ମୁଁ କେଉଁଠି ଅଛି ?

ଆତ୍ମା ନିଜ ଲୋକରେ ଥିଲା। ହଠାତ୍ ତାକୁ ଏକ ଶରୀର ଦିଆଗଲା। ତା'ର ସ୍ଥାନରେ ପରିବର୍ତ୍ତନ ହେଲା। ଯେହେତୁ ଆତ୍ମା ସମ୍ବନ୍ଧିତ ଏହି ପ୍ରକ୍ରିୟା ନିରନ୍ତର ଚାଲିବ, ତାକୁ ବନ୍ଦ କରିହେବନି। ତେଣୁ ଆତ୍ମା ଯେପରି ନୂଆ ଶରୀର ପାଇ ଉଠୁ ଉଠୁ -ମୁଁ କେଉଁଠି ଅଛି ନ କୁହେ, ସେଥିପାଇଁ ବ୍ରହ୍ମା ଶିଶୁଙ୍କ ସ୍ୱରକୁ ନିୟନ୍ତ୍ରିତ କରିଦେଲେ। ହେଲେ କୁହାଯାଏ ଏବେବି ଯଦି ଭଲରେ ଶୁଣାଯାଏ ନବଜାତ ଶିଶୁର ପ୍ରଥମ କାନ୍ଦରେ ବିଷ୍ଣୁ ପୁରାଣରେ ଉଲ୍ଲେଖ କରାଯାଇଥିବା ମୁଁ କେଉଁଠି ଅଛି ? ମୁଁ କେଉଁଠି ଅଛି ? ଶୁଭିବ।





## ବଡ଼ କୁରାଢ଼ି

**କା**ଠ ହାଣିବା ପାଇଁ ବ୍ୟବହାର କରାଯାଉଥିବା କୁରାଢ଼ିକୁ ଏଭଳି ତିଆରି କରାଯାଇଥାଏ, ଯେମିତିକି ଏହାକୁ ଆରାମରେ ଧରି କାଠ ହାଣିହେବ। ତେବେ କାନାଡାର ନ୍ୟୁ ବ୍ରଂସୱିକ୍‌ସ୍ଥ ନାକାୱିକ-ମିଲଭିଲେରେ ଅଛି ଏମିତି ଏକ କୁରାଢ଼ି, ଯେଉଁଥିରେ କାଠ ହାଣିବା ତ ଦୂରର କଥା ତାକୁ ହାତରେ ଧରି ଉଠାଇବା ବି ଅସମ୍ଭବ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ କୁରାଢ଼ି। ପ୍ରକୃତରେ ଏହା କୁରାଢ଼ିର ଏକ ବଡ଼ ପ୍ରତିକୃତି, ଯାହାର ଉଚ୍ଚତା ୪୯ ଫୁଟ, ଓଜନ ୫୫ ଟନ୍ ଓ ମୁଣ୍ଡଟି ୨୩ ଫୁଟ୍ ଓସାର ଅଟେ। ୧୯୯୧ ମସିହାରେ ଏହାକୁ ତିଆରି କରାଯାଇଥିଲା। ଫରେଷ୍ଟ କ୍ୟାପିଟାଲ ଅଫ୍ କାନାଡା ଦ୍ୱାରା ନିର୍ମିତ ଏହି ସ୍ଥାପତ୍ୟ ଫରେଷ୍ଟ ଇଣ୍ଡଷ୍ଟ୍ରିର ମହତ୍ୱକୁ ଏହା ଦର୍ଶାଇଥାଏ।



# ଖୁସି ପାଗ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ


ବର୍ଷଯାକ ଆମର ପର୍ବ ପର୍ବାଣୀ ଲାଗିରହିଛି । ପ୍ରତିମାସରେ କିଛି ନ ହେଲେ ବି ଗୋଟିଏ ଦୁଇଟି ପର୍ବ ନିଶ୍ଚେ ଥିବ । ଅଗଷ୍ଟ ପନ୍ଦର ହେଉ କି ଦୁର୍ଗାପୂଜା । ଯଦି ଆପଣ ଦୈବାତ୍ ଭୁଲି ଯାଇଥିବେ ତେବେ ସବୁ ପର୍ବ ଅନୁଯାୟୀ ଆପଣଙ୍କ ଶୁଭ ମନାସୁଥିବା ବନ୍ଧୁମାନେ ସକାଳୁ ଶୁଭେଚ୍ଛା ବାର୍ତ୍ତା ଦେଇ ଜଣେଇ ଦିଅନ୍ତି କାଟିବାକୁ ଥିବା ସେହି ଦିନର ବିଶେଷତ୍ୱ କ'ଣ । ଅଗଷ୍ଟ ପନ୍ଦର ଦିନ ମୋତେ ଯେତିକି ଶୁଭେଚ୍ଛା ବାର୍ତ୍ତା ମିଳିଥିଲା ତାକୁ ପଢ଼ିସାରିଲା ପରେ ମୋ ଭିତରେ ପ୍ରତ୍ୟୟ ସୃଷ୍ଟି ହେଇଗଲା କି ଦେଶ ସ୍ୱାଧୀନତା ପାଇବା ପଛରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଶ୍ଚୟ ଥିଲା । ସେମିତି ଦଶହରା ସମୟରେ ଏତେ ସଂଖ୍ୟକ ଶୁଭେଚ୍ଛା ମୋତେ ମିଳିଲା ଯେମିତି ଯଦି ମହିଷାସୁରକୁ ମାରିବାରେ ମୋର ହାତ ନ ଥାନ୍ତା ବୋଧେ ଏ ଧରାପୃଷ୍ଠରେ କେବେବି ଅସତ୍ୟ ଉପରେ ସତ୍ୟର ଜୟ ହୋଇପାରି ନ ଥାନ୍ତା । ବାସ୍ ମଣିଷକୁ ଟିକେ ଖୁସି ଦରକାର । ଖୁସି ହେବା ପାଇଁ ମଣିଷ ଏମିତି ଛୋଟ ଛୋଟ ବାହାନାମାନଙ୍କୁ ନିଜେ ଯୋଗାଡ଼ିନିଏ ।

ଆଗରୁ ଏସବୁ ଶୁଭେଚ୍ଛା ବାର୍ତ୍ତା କିଏ ପଠେଇଦେଲେ ମୁଁ ବିରକ୍ତ ହେଉଥିଲି । ତୁଚ୍ଛାକୁ ମାନସିକ ଶାନ୍ତି, ସମୟ ଓ ଡାଟା ସରୁଛି ବୋଲି ଦାନ୍ତ କାମୁଡୁଥିଲି । ଅନେକଥର ସେମାନଙ୍କୁ କଡ଼ା କରି କହିଛି, ଭାଇ ତୁମେ ଗୁଡ୍‌ମର୍ନିଂ ଶୁଭେଚ୍ଛା ନ ଜଣେଇଲେ ବି ମୋ ସକାଳ ଏମିତିରେ ପ୍ରାୟ ଗୁଡ୍‌ରେ ହିଁ ଥାଏ । ଯଦି ବି ମୋ ମର୍ନିଂ ବ୍ୟାଡ୍ ଥାଏ ତେବେ କିଏ ବସ୍ତାଏ ସୁଖ ମୁଣ୍ଡେଇ ଦାଣ୍ଡପିଣ୍ଡାକୁ ଆସି ଠିଆ ହେଉଛି ଶୁଣେ !! ଏହି ଅଯାଚିତ ଅନ୍ୟର ସୁଖ ମଣିବା କାମ ପାଇଁ ଆଜି ଭାରତ ବିଶ୍ୱର ନମ୍ବର ୱାନ୍ । ଲାଗୁଛି ଯେମିତି ୟୁନେସ୍କୋ ସମଗ୍ର ପ୍ରାଣୀଙ୍କ ମଙ୍ଗଳ ପାଞ୍ଚିବା ପାଇଁ ଭରତୀୟଙ୍କୁ ଠିକା ଦେଇଛି । ଏମିତି ବି ଅନେକ ଅଛନ୍ତି, ଯେଉଁମାନେ ସକାଳୁ ବିଛଣା ଉପରୁ ଅନ୍ତତଃ କୋଡିଏ ଜଣଙ୍କ ସକାଳକୁ ଶୁଭ ନ କଲା ଯାଏଁ ତଳକୁ ଓହ୍ଲେଇବେ ନାହିଁ । ଶୁଭେଚ୍ଛା ଜଣେଇଲେ ଯଦି ତାହା ସତରେ ପ୍ରାପ୍ତ ହେଉଥାନ୍ତା ତେବେ ଈର୍ଷାଳୁ ମଣିଷ କେବଳ ନିଜ ଘର ଲୋକଙ୍କୁ ଛାଡି ଆଉ କାହାରିକୁ ଶୁଭେଚ୍ଛା ଜଣାନ୍ତେ ନାହିଁ ।

ପ୍ରତିଥର ନବବର୍ଷ ଦିନ ମୋ ସମୃଦ୍ଧି ପାଇଁ ଶୁଭମନାସିଥିବା ବନ୍ଧୁମାନେ ଜାଣନ୍ତି ମୋର କେବଳ ବୟସ ଛଡ଼ା ଆଉ କେଉଁଥିରେ ସେମିତି କିଛି ଆଖିଦୃଶିଆ ବୃଦ୍ଧି ହେଇନି । ଗତ ଦୀପାବଳି ଦିନ ମୋ ସୁଖ ଶାନ୍ତି ପାଇଁ ପ୍ରାୟ ଦୁଇଶହ ଲୋକ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି ବୋଲି ମୋତେ ହ୍ୱାଟ୍ସଆପ୍‌ରେ ଜଣେଇଲେ । ମୁଁ ଆଲୁଅ ହୋଇ ସାରା ସଂସାରର ସମସ୍ୟାର ଅନ୍ଧାରକୁ ଦୂରେଇପାରିବି ବୋଲି ଜାଣି ସୁଖ ପାଇଲି । ସେ ସବୁ ଶୁଭେଚ୍ଛା ବାର୍ତ୍ତା ଭିତରୁ ଯଦି ଦୈବାତ ଗୋଟିଏ ବି ସତ ହୁଏ ତେବେ ଅମ୍ବାନୀ ଭଳି ଲୋକ ମୋ ଘରେ ଗୋତି ଖଟିବ ।

ମଣିଷ କୌଣସି ଉପାୟରେ ବି ଖୁସି ପାଇପାରେ । ଅଲିମ୍ପିକ୍‌ରେ ପଛେ ଆମେ ରେକର୍ଡ ନ କରୁ କିନ୍ତୁ ଅଢେଇ ଲକ୍ଷ ଦୀପଜାଳି ବିଶ୍ୱ ରେକର୍ଡରେ ଆମେ ଖୁସିରେ ଗଦ ଗଦେଇ ଯାଉ । ନିର୍ବାଚନରେ ହାରିଯାଇଥିବା ପ୍ରାର୍ଥୀ ଗତଥର ଅପେକ୍ଷା ଏଥର ଭୋଟ ହାର ଦୁଇ ପ୍ରତିଶତ ଅଧିକ ବଢ଼ିଛି ଜାଣି ଖୁସି ହେଉଛି । ଭୋକ ବିକଳରେ ପେଟରେ ଓଦାକନା ପକେଇ ଶୋଉଥିବା ଲୋକ ବିଶ୍ୱର ଉଚ୍ଚତମ ମନ୍ଦିର ନିର୍ମାଣରେ ଖୁସି । ଆଳୁ କିଲୋ ଷାଠିଏ ଟଙ୍କାରୁ ଅଣଷଠି ଟଙ୍କା ହେଇଗଲେ ଲୋକେ ଖୁସି । ଆମକୁ ଆଳୁ ଭଳି ନିତ୍ୟ ବ୍ୟବହାର ପରିବା ଦର ଅଣଷଠି ଟଙ୍କା ଅଧିକ ଲାଗେନି ବରଂ ଏକ ଟଙ୍କା କମ୍ ହେଇଯିବା ଦେଖାଯାଏ । କେବେ ବିମାନରେ ଉଡ଼ି ନ ଥିବା ଲୋକ ବିମାନ ଯାତ୍ରା ଟିକଟ ଉପରେ ଜିଏସ୍‌ଟି ଅଠେଇଶି ପ୍ରତିଶତରୁ ଚବିଶ ପ୍ରତିଶତ ହେଇଗଲେ ବି ଖୁସି ହୁଏ । କିଛି ମିଳୁ କି ନ ମିଳୁ ନେତାଙ୍କ ଶୃଙ୍ଖଳା ନିର୍ବାଚନୀ ପ୍ରତିଶ୍ରୁତିରେ ଆମେ ଖୁସି । ପାଗ ତିଆରିରେ ନଜର କଲେ ଖୁସି ମୁଆଁ ଯାହାକୁ ଯେତେ ।

ଯେଉଁମାନେ ଖୁସି, ସେମାନେ ହେଉଛନ୍ତି ଦେଶର ପ୍ରକୃତ ନାଗରିକ । ଗଣତନ୍ତ୍ରର ଆଦର୍ଶ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ, 'ସବୁ ପରିସ୍ଥିତିରେ'



ଜନସାଧାରଣ ଖୁସି ରହିବା ଆବଶ୍ୟକ । ଲୋକତନ୍ତ୍ରର ଏହା ହିଁ ନିୟମ । ସବୁ ନିର୍ବାଚିତ ସରକାର ଚାହାନ୍ତି ଜନସାଧାରଣଙ୍କୁ ଖୁସି ମିଳୁ । ସେଥିପାଇଁ ସରକାର ପ୍ରତ୍ୟେକ ଗଳି ଏବଂ ଗାଁରେ ମଦ ଦୋକାନ ଖୋଲିଛନ୍ତି । ଦିନଯାକ ବଞ୍ଚିବା ପାଇଁ ସଂଘର୍ଷ କରି ଥକି ପଡିଥିବା ମଣିଷ ପାଇଁ ଅନ୍ତତଃ ରାତିଟି ଖୁସିରେ ବିତୁ । ସରକାରୀ ଯୋଜନା କେବେ କାର୍ଯ୍ୟକାରୀ ହେବ କି ନ ହେବ ତାହା ଭିନ୍ନ କଥା ହେଲେ ସରକାର କେବଳ ଘୋଷଣା କରି ଜନସାଧାରଣଙ୍କୁ ଖୁସି କରିଦିଅନ୍ତି । ବିଗତ ଶହେବର୍ଷ ଭିତରେ ଦେଶର ଯେତିକି ବିକାଶ ହେଇ ନ ଥିଲା ତାହା ଶହେ ଦିନରେ ହେଇଛି ବୋଲି ଫମ୍ପା ଢୋଲ ପିଟାରେ ଲୋକ ଖୁସି । ଚିର ଆଶାବାଦୀ ମଣିଷ ମିଛ ଆଶ୍ୱାସନାରେ ବି ଖୁସିର ସ୍ୱପ୍ନ ଦେଖିବା ଆରମ୍ଭ କରିଦିଏ ।

ଶୁଣିଛି ଜାପାନରେ କାଳେ ଲୋକଙ୍କୁ ହସିବା ଶିଖାଯାଉଛି । ଆମର ବି ଯୋଗକେନ୍ଦ୍ର, ବୃଦ୍ଧାଶ୍ରମରେ ସମବେତ ସଶବ୍ଦ ହସ ଶିକ୍ଷା ଦିଆଯାଉଛି । ସେ ହସରେ ଉପୁଜୁଥିବା ଚିତ୍କାରରେ ଖୁସି ଖୋଜାର ପ୍ରୟାସ ହେଉଛି । ସାହିତ୍ୟ, ରସାୟନରେ କେଉଁ ଦେଶ ନୋବେଲ ପାଇଲାର ଖବର ଠେଲି ଆମେ ଗୋଜବାୟାଣୀ ସାହିତ୍ୟ ସଂସ୍ଥାର ବାର୍ଷିକ କାର୍ଯ୍ୟକ୍ରମରେ କବିତା ପଢ଼ି ଖୁସି । ପାଞ୍ଚ ଟଙ୍କାରେ ଡାଲମା ଭାତ ଖାଇଲା ପରେ ଦଶ ଟଙ୍କା ଦେଇ ସୁଲଭ ଶୌଚାଳୟରେ ଖଲାସ ହେବାରେ ଖୁସି । ବିଶ୍ୱ ଖୁସି ଇଣ୍ଡେକ୍ସରେ ଆମେ ଶହେ ଛବିଶ ସ୍ଥାନରେ ରହି ବି ଖୁସି । କମ୍‌ସେ କମ୍ ସେ ତାଲିକାରେ ଆମେ ଅଛୁ ତ ! ସେଇଟା କ'ଣ କମ୍ ଉପଲବ୍ଧି କି ? ବିଶ୍ୱ ମୁଣ୍ଡପିଛା ଆୟ ତାଲିକାରେ ତୃତୀୟ ସ୍ଥାନରେ ଥିବା ଦେଶ ଖୁସି ନୁହେଁ । ରାଜନୀତି କରି ତାଙ୍କ ଦେଶକୁ ବଦନାମ କରିବାକୁ ଚକ୍ରାନ୍ତ କରି କାଳେ ତୃତୀୟ ସ୍ଥାନରେ ରଖିଛନ୍ତି ବୋଲି ତାଙ୍କ ଦେଶର ନେତା ଅଭିଯୋଗ କରୁଛନ୍ତି । ସେ ଯଦି କେବେ ଆମ ଦେଶକୁ ଆସି ଦେଖନ୍ତେ ତେବେ ଜାଣିପାରନ୍ତେ ଆମେ ଗରିବ ହେଇ ବି କେତେ ଖୁସି । ଦେଶର ଶହେ ଚାଳିଶ କୋଟିରୁ ଅଶି କୋଟି ଗରିବ । ବାକି ଷାଠିଏ ଭାଗ ନିତି ଭଗବାନଙ୍କୁ ଡାକୁଛନ୍ତି କେମିତି ଗରିବ ତାଲିକାରେ ତାଙ୍କ ନାଁ ଆସିବ । କଳେବଳେ କୌଶଳେ ବିପିଏଲ ତାଲିକାରେ ନାଁ ଉଠିଗଲେ ଲାଇଫ୍ ଝିଙ୍ଗା ଲାଲା । ଜନ୍ମଠାରୁ ପୋଡ଼ାହେବା ଯାଏଁ ସବୁ ମାଗଣା । ଖୁସି ହିଁ ଖୁସି । ଗରିବ ହେବାରେ ହିଁ ଖୁସି । ଅନ୍ତତଃପକ୍ଷେ ସରକାରୀ କାଗଜରେ । ଆମ ପାଇଁ ମୁଣ୍ଡପିଛା ଆୟ ବଢିଲେ ବିପଦ । ବିଶ୍ୱ ମୁଣ୍ଡପିଛା ଆୟ ତାଲିକାକୁ ପଚାରେ କିଏ !!

ଘଣ୍ଟାଏ ପ୍ରବଚନ ଦେବା ପାଇଁ ଲକ୍ଷାଧିକ ଟଙ୍କା ନେଉଥିବା ପ୍ରବଚକ ଜୀବନରେ ଖୁସି ପାଇବାକୁ ହେଲେ ଟଙ୍କା ପଇସାର ମୋହ ତ୍ୟାଗ କରିବାକୁ ହେବ ବୋଲି ବୁଝାଉଛନ୍ତି । ଅର୍ଥ ସୁଖ କିଣିପାରେନି ବୋଲି ଦୁଇପ୍ରକାର ଲୋକ କୁହନ୍ତି । ଜଣେ ଯିଏ ବହୁ ଚେଷ୍ଟା ସତ୍ତ୍ୱେ ଅର୍ଥ ଉପାର୍ଜନ କରିବାରେ ବିଫଳ ହୋଇଛି ଏବଂ ଆଉ ଜଣେ ଯିଏ ଆର୍ଥିକ ଭାବେ ବେଶ ସ୍ୱଚ୍ଛଳ ଓ ସଫଳତାର ଶୀର୍ଷରେ ପହଞ୍ଚିସାରିଛି । ମହତ୍ତ୍ୱାକାଂକ୍ଷୀ ଖଟିଖିଆ ଜାଣେ ତା'ର ଛୋଟ ଛୋଟ ସ୍ୱପ୍ନ ପାଇଁ ଅର୍ଥ ତାକୁ କି କି ପ୍ରକାର ସୁଖ ଦେଇପାରେ । ଜ୍ୟୋତିଷ ଖୁସିରେ ରହିବା ପାଇଁ ରିଷ୍ଟ ଖଣ୍ଡନର ସରଳ ଉପାୟ ବତାଉଛନ୍ତି । ଶାସ୍ତ୍ର ପୁରାଣରେ ଖୁସି ପାଇବାର ଅନେକ କଥା ରହିଛି । ଗୀତାରେ ପ୍ରଭୁ କହିଛନ୍ତି ଖୁସିରେ ରହିବାକୁ ହେଲେ ନିଜର ଇଚ୍ଛାକୁ ସୀମିତ ରଖିବାକୁ ହେବ । ଏହାକୁ ଶୁଣିବା ପରେ ମୁଁ ମୋର ଅଗଣିତ ଇଚ୍ଛାକୁ କାଟି କେବଳ ଗୋଟିଏ ମାତ୍ର ଇଚ୍ଛାରେ ସୀମିତ ରଖିଛି । କଥା ହେଲା ଗାନ୍ଧିଜୀଙ୍କ ହସ ହସ ମୁହଁ ଦେଖିଲେ ମୋତେ ଖୁସି ମିଳେ । ମୁଁ ସ୍ୱପ୍ନରେ ପୁଳା ପୁଳା ଗାନ୍ଧିଜୀଙ୍କ ହସ ମୁହଁବାଲା ଛବି ଦେଖି ଖୁସି ହେଇଯାଏ । କୌଣସି କାମ ପାଇଁ ଯେତେବେଳେ ଅତି ସନ୍ତର୍ପଣରେ କାହାକୁ ଗାନ୍ଧିଜୀଙ୍କ ଫୋଟ ଥିବା ନୋଟ ଖଣ୍ଡେ ଦି ଖଣ୍ଡ ମୁଁ ବଢ଼େଇ ଦିଏ ସେ ଖୁସି ହୋଇଯାଆନ୍ତି । ମୋ କାମ ହେଲାପରେ ମୁଁ ବି ଖୁସି ହୋଇଯାଏ । ଗାନ୍ଧୀ ଦର୍ଶନ ତ ଏୟା କୁହେ । ଖୁସି ବାଣ୍ଟିଲେ ଖୁସି ବଢ଼େ । ସମସ୍ତେ ଖୁସିରେ ରୁହନ୍ତୁ । ଅନ୍ୟର ଖୁସିର କାରଣ ବନିବା ପ୍ରକୃତ ମାନବ ସେବା । ଦେଲା ଲୋକ ନେଲା ଲୋକ ସମସ୍ତେ ଖୁସିରେ ଥାନ୍ତୁ । ମୋର ଇଚ୍ଛା ସକାଳୁ ଉଠିଲେ ଯେମିତି ଗାନ୍ଧିଜୀଙ୍କ ହସ ହସ ମୁହଁ ଦେଖୁଥିବି । ଦେଖାଯାଉ ମୋର ଏହି ଗୋଟିକ ଇଚ୍ଛାକୁ ପ୍ରଭୁ କେବେ ପୂରଣ କରୁଛନ୍ତି ।

ସତେ କି ସୁଦୟା ହେବ ! ପ୍ରତିଦିନ ଗାନ୍ଧୀମୁହଁ ଥିବା ଟଙ୍କା ବିଡ଼ା ମିଳିବ । ହେ କମଳାକର । ଖୁସି ପାଗ ମୋର ଭିଡ଼ି ଧରିବ ହେ କମଳାକର । ନୋହିଲେ ଏ ଜୀବ କିବୁଁ ହେବ ବାହାର । ହେ କମଳା କର.... ।

–ବନମାଳୀ ଭବନ, ଖାନ୍‌ନଗର, କଟକ,
ମୋ: ୯୪୩୭୦୧୦୭୫୮

## ସମୀକ୍ଷାୟନ

### ମୋ ସ୍ମୃତିର ଦ୍ୟୁତି

**ଲେଖିକା– ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ, ପ୍ରକାଶକ– ନ୍ୟୁଟ୍ରା କ୍ରିଏସନ୍ସ, ଜୟଦେବନଗର, ଭୁବନେଶ୍ୱର– ୨, ମୂଲ୍ୟ– ୨୦୦ଟଙ୍କା**

'ମୋ ସ୍ମୃତିର ଦ୍ୟୁତି' ପୁସ୍ତକଟି ଲେଖିକା ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ଆତ୍ମଜୀବନୀ । ଏଥିରେ ଲେଖିକାଙ୍କର ଜନ୍ମଠାରୁ ଆରମ୍ଭ କରି ଆଜିଯାଏର ଘଟଣାବଳୀକୁ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ସର୍ଜନାତ୍ମକ ପ୍ରତିଭାର ବିକାଶର ପଥ କଣ୍ଟକିତ । ସେହି କଣ୍ଟକମୟ ପଥର ପଥିକ ପ୍ରତିମାରାଣୀ ତାଙ୍କ ଅତୀତର ସ୍ମୃତିକୁ ସାଉଣ୍ଟି ପୁସ୍ତକଟି ରଚନା କରିଛନ୍ତି । ସରଳ ଓ ସାବଲୀଳଭାବେ ଅତୀତ ଜୀବନର ଅବ୍ୟକ୍ତ ଘଟଣାବଳୀକୁ କଲମମୁନରେ ସ୍ଥାନ ଦେଇ କେବେ ଝରାଇଛନ୍ତି ଆଖିର ଲୁହ ତ କେବେ ଦେଇଛନ୍ତି ହସର ଖୋରାକ୍ । ଜୀବନାଲେଖ୍ୟକୁ ଉପସ୍ଥାପନ କଲାବେଳେ ଯେଉଁ ସଂଜମତା ଆବଶ୍ୟକ ତାହା ଏହି ପୁସ୍ତକରେ ଦେଖିବାକୁ ମିଳିଛି । ପୁସ୍ତକଟି ନିଶ୍ଚୟ ପାଠକୀୟ ଆଦର ଲାଭ କରିବ ।




### ଗୋହରି

**ଗାଳ୍ପିକ – ଲଳିତ କୁମାର ସ୍ୱାଇଁ**
**ପୃଷ୍ଠା –୧୨୮ମୂଲ୍ୟ– ୧୨୦ଟଙ୍କା ପ୍ରକାଶକ – ତୀରତରଙ୍ଗ**

'ଗୋହରି' ଗାଳ୍ପିକ ଲଳିତ କୁମାର ସାଇଁଙ୍କ ଅଷ୍ଟମ ସୃଷ୍ଟି । କବିତାମନସ୍କ ଲେଖକଙ୍କ ଗଳ୍ପରେ ମଧ୍ୟ କାବ୍ୟିକ ପ୍ରଭାବ ଦେଖିବାକୁ ମିଳେ । ସଂକଳନର ଦଶଟି ଗଳ୍ପର ଅନ୍ତଃଚେତନା ଏକ ଭିନ୍ନ ଧାରାରେ ଛନ୍ଦାଛନ୍ଦି ହୋଇ ଗତିଶୀଳ । ସେ ଚରିତ୍ର ହେଉକି ଭାବଧାରା ପ୍ରତ୍ୟେକରେ ଏକ ସୁକ୍ଷ୍ମ ସମ୍ବେଦନଶୀଳତା ପାଠକଙ୍କୁ ସମ୍ମୋହିତ କରେ । 'ଗୋହରି' ଠାରୁ 'ଫୋବସ' ଯାଏ ପ୍ରତ୍ୟେକଟି ଗଳ୍ପର କଥାବସ୍ତୁ ନିହାତି ପରିଚିତ ଓ ଅତି ଆପଣାର । ଗୋହରି ଦୁଇଟି ଅଞ୍ଚଳକୁ ଯୋଡୁଥିବା ସଂକୀର୍ଣ୍ଣ ରାସ୍ତାଟିଏ । ଗଳ୍ପର ଛାପା ଅକ୍ଷର ଭିତରୁ ଚରିତ୍ର ସବୁ ବାହାରି ଆସି ଲେଖକୀୟ ଅନୁଭବ ଦେଇ ପାଠକ ପ୍ରାଣକୁ ସ୍ୱତଃ ସଂଚରି ଯାଆନ୍ତି । ଏଇଠି ଲାଗେ ଗୋହରି ଏକ ଅନ୍ତଃସ୍ରୋତ । ବହିଟି ପାଠକୀୟ ମହଲରେ ବେଶ ଆଦୃତ ହେବ ବୋଲି ଆଶା ।



### ଚାନ୍ଦବାଲି କଥା ଓ କାହାଣୀ 'କନିକା ବାଲି'

**ଲେଖକ ଓ ପ୍ରକାଶକ – ଅଶୋକ କୁମାର ପଣ୍ଡା**
**ଚଷାଖଣ୍ଡ, ମତୋ, ଜି–ଭଦ୍ରକ, ମୂଲ୍ୟ–୨୫୦ଟଙ୍କା ।**

ଧାମରା ମୁହାଣସ୍ଥ ଏକ ନିର୍ଜନ ବାଲିଦ୍ୱୀପକୁ ନେଇ ଏହି ବହିଟି ନାମିତ । ଚାନ୍ଦବାଲିର ଲୋକକଥା, କିମ୍ବଦନ୍ତୀ, ମଠ ମନ୍ଦିର, ଦେବଦେବୀ ଓ ପର୍ଯ୍ୟଟନସ୍ଥଳୀ, ଲୋକକଳା, ସଂସ୍କୃତି, କ୍ରୀଡ଼ା, ଶିକ୍ଷା, ଗାଁ, ନଦୀ, ନୌକା ଓ ଫେରିଘାଟ, କୁମ୍ଭୀର ଆତଙ୍କ, ବାଲିଦ୍ୱୀପ, ମାଛଧରା, ବନ୍ଦର, କୃଷି ଜଳସେଚନ, କୋଷ୍ଟକେନାଲ, ପାଣିପାଗ, କୁଟୀରଶିଳ୍ପ, ରାଇସ ମିଲ, ଚାନ୍ଦବାଲି ବନ୍ଦର, ଜାହାଜ, ଓ ଷ୍ଟିମର, ବାଣିଜ୍ୟକୋଠି, ପାଞ୍ଚମୁକା, ରାଜାଙ୍କ କଚେରି, ପ୍ରଜାମେଳି, ଖାସମାହାଲ, ଇରେଂଜଙ୍କ ସ୍ମୃତି, ଧାମରା ବନ୍ଦର ଭଳି ୪୫ଟି ପ୍ରସଙ୍ଗ ଏଥିରେ ସ୍ଥାନିତ ହୋଇଛି । ଏହାର ପ୍ରବନ୍ଧ ଶିରୋନାମା ଗୁଡ଼ିକ ବେଶ୍ ଉଚ୍ଚକୋଟୀର । ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।



# ଝାଳ ବିକ୍ରି କୋଟିପତି

ମଣିଷ ପାଠ ପଢ଼େ ଚାକିରି ପାଇଁ। ହେଲେ ଅନେକ ସମୟରେ ଚାକିରିରୁ ମିଳି ନ ଥାଏ ମାନସିକ ଶାନ୍ତି। ଫଳରେ ଇଚ୍ଛା ହୁଏ ଚାକିରି ଛାଡ଼ି ନିଜେ କିଛି ବ୍ୟବସାୟ ଆରମ୍ଭ କରିବାକୁ। ହେଲେ ବ୍ୟବସାୟ କରିବା ବି ଏତେଟା ସହଜ ନୁହେଁ। ତେଣୁ ଭାବି ଭାବି ସମୟ ପଳାଏ ସିନା ସେଇ ଚାକିରି କରି ମଣିଷ ପେଷି ହୁଏ। ଅନ୍ୟ କିଛି କରିପାରେନା। ହେଲେ ଆମେରିକା, ଡର୍ବିଶାୟାରରେ ରହୁଥିବା ଜଣେ ମହିଳା ନା କେବଳ ଦୃଢ ନିଷ୍ପତ୍ତି ନେଇ ଚାକିରି ଛାଡ଼ିଲେ



ବରଂ ନିଜର ବ୍ୟବସାୟ ଆରମ୍ଭକରି ଏବେ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ବ୍ୟବସାୟଟି ପୁଣି ବେଶ୍ ଅଜବ, ଯାହା ସମ୍ପର୍କରେ ପ୍ରାୟ କେହି ଜାଣି ନ ଥିବେ। ବ୍ୟବସାୟଟି ହେଉଛି ନିଜ ଝାଳକୁ ବିକ୍ରି କରିବା। ଅନ୍‌ଲାଇନ୍‌ରେ ସେ ନିଜ ଝାଳ ବିକ୍ରିକରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏହି ମହିଳାଙ୍କ ନାଁ ହେଉଛି ଆଲେକ୍ସିଆ ଗ୍ରେସ୍, ଯାହାଙ୍କ ବୟସ ମାତ୍ର ୨୫ ବର୍ଷ। ଆଲେକ୍ସିଆ ପ୍ରଥମେ କଫି ଶପ୍‌ରେ ଚାକିରି କରୁଥିଲେ। ତାଙ୍କୁ ସେ କାମ ଭଲ ନ ଲାଗିବାରୁ ତାକୁ ଛାଡ଼ିଦେଲେ। ଆଉ 'ଓନ୍‌ଲୀ ଫ୍ୟାନ୍‌ସ' ସାଇଟ୍‌ରେ ଅନ୍‌ଲାଇନ୍ ମଡେଲିଂ କରିବା ଆରମ୍ଭ କଲେ। ଭଲ ରୋଜଗାର ସହ ବହୁତ ଫ୍ୟାନ ହେଲେ। ଏହାପରେ ସେ ଏହି ସାଇଟ୍‌ରେ ଫ୍ୟାନ୍‌ଙ୍କୁ ନିଜ ଝାଳ ବିକ୍ରି କରିବାର ଅଜବ କାମ ଆରମ୍ଭ କଲେ। ଏହା ଭଲ ଚାଲିଲା ମଧ୍ୟ। ଏବେ ତାଙ୍କର ଗୋଟେ ଭାଏଲ ଝାଳର ମୂଲ୍ୟ ୪୩ ଲକ୍ଷ ୬୭ ହଜାର ଟଙ୍କା। ଫଳରେ ସେ ଏକ ଲକ୍‌ଜ୍ୟୁରିୟସ ଜୀବନ ବିତାଉଛନ୍ତି।



# ଏତେ ବଡ଼ ବାଦାମ!

ଛୋଟ ଛୋଟ ବାଦାମ ଏକ ଭଲ ଟାଇମ୍‌ପାସ୍ ଖାଦ୍ୟ। ତେଣୁ ଏହାର ଚାହିଦା ବହୁତ ଥାଏ। ଆଉ ଏହି ବାଦାମକୁ ନେଇ ଆମେରିକା, ସାଉଥ୍ କାରୋଲିନାର ବ୍ଲଫଟନ୍‌ରେ ପ୍ରତିବର୍ଷ ବଏଲ୍ଡ ପିନଟ୍ସ ଫେଷ୍ଟିଭାଲ ବି ପାଳିତ ହୁଏ। ଏହି ଉତ୍ସବରେ ସିଝା ବାଦାମ ଖାଇବା ସହ ଲାଇଭ୍ ମ୍ୟୁଜିକ୍ ଚାଲେ, ବାଦାମ ଖାଇବା ପ୍ରତିଯୋଗିତା ଆୟୋଜନ କରାଯାଏ। ଏହାସହ ସବୁଠୁ ବଡ଼ ବାଦାମର ପ୍ରଦର୍ଶନୀ ବି ହୁଏ। ତେବେ ୨୦୧୩ରେ ଏକ ବଡ଼ ସିଝା ବାଦାମର ସ୍ଥାପତ୍ୟ ଏଠାରେ ପ୍ରଦର୍ଶିତ ହୋଇଥିଲା। ଯାହାକି ଏତେ ବଡ଼ ଥିଲା ଯେ, ପୃଥିବୀର ସବୁଠାରୁ ବଡ଼ ସିଝା ବାଦାମର ସ୍ଥାପତ୍ୟ ଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ଜାରେଡ ଜେଷ୍ଟର, କ୍ଲେଟନ କୋଲେରାନ୍, ହାନା ପାରିସ୍ ଆଦି ମିଶି ଏହି ବିରାଟକାୟ ସିଝା ବାଦାମର ସ୍ଥାପତ୍ୟକୁ ତିଆରି କରିଛନ୍ତି। ସ୍ଥାପତ୍ୟଟି ୨୨ ଫୁଟ ଲମ୍ବା ଏବଂ ଓଜନ ଅଧା ଟନ୍‌ରୁ ଊର୍ଦ୍ଧ୍ୱ। ଦେଖିବାକୁ ଏହା ସତସତିକା ବାଦାମ ପରି। ଏହାକୁ ତିଆରି କରିବା ଲାଗି



ପ୍ଲାଏଉଡ୍, ଚିକେନ ୱାୟର୍, ଷ୍ଟାଣ୍ଡାର୍ଡ ଇନ୍‌ସୁଲେସନ୍, ସ୍ପ୍ରେ କଲର୍ ଆଦି ବ୍ୟବହାର କରାଯାଇଛି। ଆଉ ୩୦ ଦିନ ଲାଗିଥିଲା ଏହାକୁ ବାଦାମର ରୂପ ଦେବା ପାଇଁ।

# ସବୁଠୁ ବଡ଼ ସ୍କେଟ୍‌ବୋର୍ଡ

ସ୍କେଟିଂ କରିବାକୁ ଅନେକେ ଭଲ ପାଆନ୍ତି। ହେଲେ ଏହା ବହୁତ ବିପଜ୍ଜନକ ହୋଇଥାଏ। ଚକ ଲାଗିଥିବା ଏହି ସ୍କେଟ୍‌ବୋର୍ଡ ଉପରେ ଠିଆହୋଇ ସନ୍ତୁଳନ ରକ୍ଷାକରି ସ୍କେଟିଂ କରିବାକୁ ହୁଏ। ଏହି ସ୍କେଟ୍‌ବୋର୍ଡ ଉପରେ କେବଳ ଜଣେ ଠିଆ ହୋଇ ସ୍କେଟିଂ କରିପାରନ୍ତି। ତେବେ ଜାଣନ୍ତି କି ଏମିତି ଏକ ସ୍କେଟ୍‌ବୋର୍ଡ ଅଛି, ଯେଉଁଥିରେ ଜଣେ ନୁହେଁ ଏକାଧିକ ଲୋକ ଠିଆହୋଇ ସ୍କେଟିଂ କରିପାରିବେ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ବଡ଼ ସ୍କେଟ୍‌ବୋର୍ଡ, ଯାହାର ଲମ୍ୱ ୩୬ ଫୁଟ ୭ ଇଞ୍ଚ, ଓସାର ୮ ଫୁଟ୍ ୮ ଇଞ୍ଚ ଓ ଉଚ୍ଚତା ୩ ଫୁଟ ୭.୫ ଇଞ୍ଚ। ଆମେରିକା, ଲସଆଞ୍ଜେଲ୍‌ସର ରବ୍ ଡାୟରଡେକ୍ ଓ ଜୋ ସିଆଗଲିଆ ୩ ମାସରେ ଏହାକୁ ତିଆରି କରିଥିଲେ। ଉକ୍ତ ସ୍କେଟ୍‌ବୋର୍ଡଟି ସାଧାରଣ ସ୍କେଟ୍‌ବୋର୍ଡଠାରୁ ୧୨.୫ ଗୁଣ ବଡ଼। ନ୍ୟୁୟର୍କ, ଟାଇମ୍ସ ସ୍କୋୟାର୍‌ରେ ଏହାକୁ ଚଲାଯାଇଥିଲା।

